# ଦୁର୍ଘଟଣାରେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ, ସ୍ୱାମୀ ଆହତ




ଯୋଡ଼ା/ବଡ଼ବିଲ,୧୮।୨(ସମିସ): ବେପରୁଆ ଗାଡ଼ି ଚାଳନା ତଥା ଅନଭିଜ୍ଞ ଚାଳକଙ୍କ ପାଇଁ ପ୍ରତିଦିନ ଦୁର୍ଘଟଣା ଘଟି ଅକାଳରେ ଅନେକ ମୂଲ୍ୟବାନ ଜୀବନ ଚାଲି ଯାଉଥିବା ବେଳେ ପରିବହନ ବିଭାଗ ଏଥିରେ ଅଙ୍କୁଶ ଲଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ପରିଲକ୍ଷିତ ହୋଇଛି। ବୁଧବାର ଅପରାହ୍ଣରେ ଏଭଳି ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି ବଡ଼ବିଲ ଯୋଡ଼ା ମୁଖ୍ୟ ରାସ୍ତା ଭୁସୁଙ୍ଗା ନିକଟରେ। ମଧୁସ୍ମିତା ମହାନ୍ତ ନାମକ ମହିଳା ଗର୍ଭବତୀ ଥିବାରୁ ତାଙ୍କ ସ୍ୱାମୀ ମନୋରଞ୍ଜନ ମହାନ୍ତ ଏକ ମଟର ସାଇକଲ ଯୋଗେ ଚିକିତ୍ସା ନିମନ୍ତେ ଯୋଡା ଡାକ୍ତରଖାନାକୁ ଆସିଥିଲେ। ଡାକ୍ତରଙ୍କ ପରାମର୍ଶ ପରେ ଦୁହେଁ ମଟର ସାଇକଲ ଯୋଗେ ବଡ଼ବିଲ ଅଭିମୁଖେ ଯାଉଥିବା ସମୟରେ ତାଙ୍କ ପଛପଟୁ ଏକ ହାଇୱା ଖୁବ୍ ଜୋରରେ ଧକ୍କା ଦେଇଥିଲା। ଫଳରେ ଦୁହେଁ ଛିଟିକି ପଡ଼ିଥିଲେ। ଛିଟିକି ପଡ଼ିବାରୁ ଉକ୍ତ ହାଇୱାଟି ମଧୁସ୍ମିତାଙ୍କ ମୁଣ୍ଡ ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ମଧୁସ୍ମିତାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ୱାମୀ ମନୋରଞ୍ଜନ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଖବର ପାଇ ବଡ଼ବିଲ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ମୃତ ମହିଳା ଓ ତାଙ୍କ ସ୍ୱାମୀଙ୍କୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହିତ ତଦନ୍ତ ଜାରି ରଖିଛି।

# ପୁଲିସ ଚଢ଼ଉ; ବାଲି ଡିପୋ, ଜେସିବି ମେସିନ୍ ଜବତ






ଡୁରୁମୁଙ୍ଗା, ୧୮।୨(ସମିସ): ସାହାରପଡା ତହସିଲ ଅଧୀନ ଗଣିଆବରେଇ ଗ୍ରାମର ଦେଓ ନଦୀରୁ ବେଆଇନ ବାଲି ଚୋରା ଚାଲାଣ ସମୟରେ ମଙ୍ଗଳବାର ଡୁରୁମୁଙ୍ଗା ପୁଲିସ ଓ ଖଣି ବିଭାଗ ଚଢ଼ଉ କରି ବେଆଇନ ବାଲି ଡିପୋ ଜବତ କରିବା ସହ ଗୋଟିଏ ଜେସିବି ମେସିନ ଜବତ କରିଛି। ମାଫିଆମାନେ ରାତି ହେଲେ ମେସିନ ସହାୟତାରେ ନଦୀ ଗର୍ଭରୁ ଶହ ଶହ ଟ୍ରିପ ବାଲି ଉଠାଇ ଚୋରା ଚାଲାଣ କରୁଥିଲେ। ଚଢ଼ଉ ଦେଖି ମାଫିଆ ଫେରାର ହୋଇଯାଇଥିବା ବେଳେ ପୁଲିସ ଓ ଖଣି ବିଭାଗ ବେଆଇନ ବାଲି ଡିପୋକୁ ଜବତ କରିଛି। ଏଥିସହ ବାଲି ଉତ୍ତୋଳନରେ ବ୍ୟବହୃତ ଜେସିବି ମେସିନକୁ ଜବତ କରି ଡୁରୁମୁଙ୍ଗା ଥାନାକୁ ଆଣିଛି। ଜବତ କରାଯାଇଥିବା ବାଲିକୁ ନିଲାମ କରାଯିବ ବୋଲି ଖଣି ବିଭାଗ ଅଧିକାରୀ କହିଥିବା ବେଳେ ଚଢ଼ଉରେ ଡୁରୁମୁଙ୍ଗା ଥାନା ଏଏସ୍ଆଇ ସାୟଦ ସଲିମ ହୁସେନ୍, ଖଣି ଅଧିକାରୀ ତାରିଣୀ ସିଂଙ୍କ ସମେତ ଆରଆଇ ସାମିଲ ଥିଲେ।

## ଉଦ୍ୟାନ କୃଷି ବିଭାଗ ପକ୍ଷରୁ ସଚେତନତା



ଆନନ୍ଦପୁର, ୧୮।୨ (ସମିସ): ଘଷିପୁରା ବ୍ଲକ ରାଧିକାଦେଇପୁର ପଞ୍ଚାୟତ ଆଦିବାସୀ ଗ୍ରାମ ଦଲକୀଠାରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରକାରଙ୍କ ବିଭିନ୍ନ ଯୋଜନାରେ କେଉଁ କେଉଁ ଚାଷୀ ଉପକୃତ ହୋଇପାରିବେ ଓ ଅଧିକ ଲାଭ ମିଳିବ ସେ ସମ୍ପର୍କରେ ମଣ୍ଡି ପର୍ଯ୍ୟବେକ୍ଷକ ଶକ୍ତିପ୍ରସାଦ ମିଶ୍ର, ପ୍ରାଣୀ ଚିକିତ୍ସକ ଡ ଶିବପ୍ରସାଦ ନାୟକ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅର୍ଚ୍ଚନା ବେହେରା, ଉଦ୍ୟାନ ସମ୍ପ୍ରସାରଣ ଅଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ, ୧୦ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ମଧୁସ୍ମିତା ଦାସ, ବ୍ଲକ ପ୍ରକଳ୍ପ ସଂଯୋଜକ ଅଶ୍ୱିନୀ ଦାସ ଯୋଗ ଦେଇଥିଲେ ।

## କେନ୍ଦୁପୋଶି ବିଲରେ ନିଆଁ

କେନ୍ଦୁଝର,୧୮।୨(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କେନ୍ଦୁପୋଶି ଗ୍ରାମରେ ଆଜି ଅପରାହ୍ଣରେ କେହି ପାଳ ଗଦାରେ ନିଆଁ ଲଗାଇ ଦେଇଥିଲେ। ବିଲ ନଳାଗଦା ଦେଇ ନିଆଁ ୨କିଲୋମିଟର ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା। ରାସ୍ତା କଡର କୁଟା ଓ ଘାସରେ ନିଆଁ ପ୍ରଭାବିତ ହୋଇ ପବନ ବହୁଥିବାରୁ ୧୦ ଫୁଟ ଉଚ୍ଚତାକୁ ଉଠି ଯାଇଥିଲା। ଫଳରେ ଗାଡି ମଟର ଭୟରେ ଯାଆସ କରି ପାରି ନଥିଲେ। ନିଆଁ ନରସିଂହପୁର ଦେଇ କେନ୍ଦୁପୋଶି ଗଳିଆହୁଡି ଦେଇ ନୂଆଗାଁ ପର୍ଯ୍ୟନ୍ତ ପ୍ରଭାବିତ ହୋଇଛି। କେନ୍ଦୁଝର ଅଗ୍ନିଶମ ବିଭାଗ ଆସିଷ୍ଟାଣ୍ଟ ଷ୍ଟେସନ ଅଫିସର ପ୍ରବୀଣ ସାମଲ, ଫାୟାର ଫାଇଟର ଅଶୋକ ବେହେରା, ଶିବାଶିଷ ବେହେରା, ସୂର୍ଯ୍ୟକାନ୍ତ ପ୍ରଧାନ, ଗାଡି ଚାଳକ ଧରଣୀ ମହାନ୍ତ ପହଞ୍ଚି ନିଆଁକୁ ମେସିନ ଯୋଗେ ଆୟତ୍ତ କରିଥିଲେ। କର୍ମଚାରୀଙ୍କୁ କେନ୍ଦୁପୋଶି ଗ୍ରାମର ୱାର୍ଡମେମ୍ବର ଦୁର୍ଯ୍ୟୋଧନ ପାତ୍ର, ପଦ୍ମଲୋଚନ ପାତ୍ର, ପ୍ରଶାନ୍ତ ପାତ୍ର, ବୁଦ୍ଧଦେବ ପାତ୍ର, ଭୁଲୁ ପାତ୍ର, ଚନ୍ଦନ ଦାସ, ବିଶ୍ୱଜିତ ପାତ୍ର, ଗଣେଶ୍ୱର ପାତ୍ର, ଚୈତନ୍ୟ ପାତ୍ର, ରାମଚନ୍ଦ୍ର ମୁଣ୍ଡା, ସୁରେଶ ସଏ ସହଯୋଗ କରିଥିଲେ।

## ନିର୍ମାଣସ୍ଥଳରେ ଶ୍ରମ ବିଭାଗ ପକ୍ଷରୁ ଯାଞ୍ଚ



କେନ୍ଦୁଝର, ୧୮।୨(ସମିସ): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକର ୯ଟି କୋଠା ନିର୍ମାଣ କାର୍ଯ୍ୟସ୍ଥଳରେ ଶ୍ରମ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଛି। ବାଂଶପାଳ ବ୍ଲକ ସହକାରୀ ଶ୍ରମ ଅଧିକାରୀ ରଶ୍ମିରେଖା ପଣ୍ଡା ୫୯ ଜଣ ଶ୍ରମିକଙ୍କ ଯାଞ୍ଚ କରିଥିଲେ। ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କ ପାଖରେ ପୂର୍ବରୁ ନିର୍ମାଣ ଶ୍ରମିକ ପରିଚୟପତ୍ର ଥିଲା। ୩ଜଣ ରାଜ୍ୟ ବାହାରର ଶ୍ରମିକ ଥିବାବେଳେ ବାକି ୪୫ ଜଣ ଶ୍ରମିକଙ୍କୁ ନିଯୁକ୍ତି ପ୍ରମାଣପତ୍ର ଯୋଗାଇ ଦିଆଯାଇଥିଲା। ସେମାନଙ୍କୁ ନିକଟସ୍ଥ ମୋ ସେବା କେନ୍ଦ୍ରରେ ନିର୍ମାଣ ଶ୍ରମିକ ପୋର୍ଟାଲରେ ଆବେଦନ କରି ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ସେମାନଙ୍କର ପଞ୍ଜୀକରଣ ପାଇଁ ଆବଶ୍ୟକୀୟ କାଗଜପତ୍ର ସହ କାର୍ଯ୍ୟାଳୟ ଆସିବାକୁ ପରାମର୍ଶ ଦିଆଯାଇଛି। ଏହି ଶ୍ରମିକମାନଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ବିଭିନ୍ନ କଲ୍ୟାଣକାରୀ ସହାୟତା ସମ୍ପର୍କରେ ସଚେତନ କରାଯାଇଛି। ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ଉପଲବ୍ଧ ବିଭିନ୍ନ ସୁବିଧା, ବାର୍ଷିକ ଦେୟ, ପ୍ରକ୍ରିୟା ଏବଂ ସର୍ବନିମ୍ନ ମଜୁରୀ ଏବଂ ଶ୍ରମ ଅଧିନିୟମ ବିଷୟରେ ସଚେତନ କରାଯାଇଥିଲା।

## ହାତୀ ଆକ୍ରମଣରେ ମହିଳା ଗୁରୁତର



ଆନନ୍ଦପୁର/ହାଟଡିହୀ, ୧୮।୨ (ସମିସ): ଆନନ୍ଦପୁର ବନଖଣ୍ଡର କାଠକଟା ଫରେଷ୍ଟ ବିଟ ଅନ୍ତର୍ଗତ ତରତରା ପଞ୍ଚାୟତ ବାହିଆ ଜଙ୍ଗଲକୁ ତିନିଜଣ ସାଙ୍ଗ ହୋଇ ପତ୍ର ତୋଳିବା ପାଇଁ ଯାଇଥିବା ସମୟରେ ସିଲନ୍ତି ହୋ ହାତୀ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ହାତୀ ମହିଳାଙ୍କୁ ଶୁଣ୍ଢରେ ଧରି ଫୋପାଡ଼ି ଦେଇଥିବା ବେଳେ ଅନ୍ୟ ଦୁଇଜଣ ସାଥୀ ଆହତଙ୍କ ପରିବାରଙ୍କୁ ଖବର ଦେଇଥିଲେ। ପରିବାର ଲୋକ ମହିଳାଙ୍କୁ ଉଦ୍ଧାର କରି ଜଙ୍ଗଲ ବିଭାଗ କର୍ମଚାରୀଙ୍କ ସହାୟତାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ମହିଳାଙ୍କ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଛି।

## କଂଗ୍ରେସର ସମ୍ବର୍ଦ୍ଧନା ଉତ୍ସବ



ଆନନ୍ଦପୁର, ୧୮।୨ (ସମିସ): ଘସିପୁରା ବ୍ଲକ ସାଇଁକୁଳଠାରେ କଂଗ୍ରେସର ଏକ ସମ୍ବର୍ଦ୍ଧନା ସଭା ଦୁର୍ଗା ପଡିଆଠାରେ ଘସିପୁରା ବ୍ଲକ କଂଗ୍ରେସ କମିଟିର ସଭାପତି ତ୍ରିଲୋଚନ ପରିଡାଙ୍କ ସଭାପତିତ୍ୱ ଏବଂ ଜିଲ୍ଲା କଂଗ୍ରେସ ଉପସଭାପତି ସୁବ୍ରତ କୁମାର ଚକ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା କର୍ମକର୍ତ୍ତା ଓ ବ୍ଲକ ସଭାପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲ୍ଲା କଂଗ୍ରେସ ସଭାପତି ମନୋଜ ଜେନା, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡା, ପୂର୍ବତନ ସାଂସଦ ପ୍ରାର୍ଥୀ ବିନୋଦ ବିହାରୀ ନାୟକ, ପୂର୍ବତନ ବ୍ଲକ ଅଧକ୍ଷ ଚତୁର୍ଭୁଜ ନାୟକ, ଜିଲ୍ଲା କଂଗ୍ରେସ ଉପସଭାପତି ଚିତ୍ତରଞ୍ଜନ ପାତ୍ର, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, କେନ୍ଦୁଝର ସଦର ଯୁବ କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ରାଉତ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ଜେନା, ବରିଷ୍ଠ କଂଗ୍ରେସ ନେତା ମନୋଜ ସ୍ୱାଇଁ, ରୁନା ଚକ୍ର, ନିରାକାର ସାହୁ,ବୃନ୍ଦାବନ ଜେନା, ନିରାକାର ରାଉତ, ମାଧ ସାହୁ, ବିପିନ ମାଝୀ ପ୍ରମୁଖ ଯୋଗ ଦେଇଥିଲା ବେଳେ ଜିଲ୍ଲା କଂଗ୍ରେସ ସୋସିଆଲ ମିଡ଼ିଆ ସଂଯୋଜକ ତାରିଣୀ ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜନଗରରେ ନାମଯଜ୍ଞ ଉଦ୍ଯାପିତ

ଡୁରୁମୁଙ୍ଗା, ୧୮।୨(ସମିସ): ପାଟଣା ବ୍ଲକ ରାଜନଗର ଗ୍ରାମରେ ୪ ଦିନ ଧରି ଚାଲିଥିବା ଚବିଶ ପ୍ରହର ନାମଯଜ୍ଞ ବୁଧବାର ଉଦଯାପିତ ହୋଇଛି। ପୂଜକ ଭାବରେ ଧର୍ମାନନ୍ଦ ମିଶ୍ର ଓ ମୃତ୍ୟୁଞ୍ଜୟ ପାଣି ଥିବା ବେଳେ କର୍ତ୍ତା ଭାବରେ ପ୍ରମୋଦ କୁମାର ସିଂହ ନୀତିକାନ୍ତି ତୁଲାଇଥିଲେ। ଲୁଣିଆ, ଦେଉଳା, ଦିଘାରି ଅସ୍ତିୟା, କମାରଡିହା, ରରୁଆଁଗୋଡ଼ାରୁ ସଂକୀର୍ତ୍ତନମଣ୍ଡଳୀ ଯୋଗ ଦେଇଥିବା ବେଳେ ଆଞ୍ଚଳିକ



ଦଳ ଭାବରେ ଦୁଆଘାଟ ଓ ରାଇକଳା ସଂକୀର୍ତ୍ତନମଣ୍ଡଳୀ ଯୋଗ ଦେଇଥିଲେ। ବୁଧବାର ଅପରାହ୍ଣରେ ନାମଯଜ୍ଞ ଶେଷ ହୋଇଥିବା ବେଳେ ନଗର କୀର୍ତ୍ତନ କରାଯାଇଥିଲା।

# ବୃତ୍ତି ପରୀକ୍ଷାରେ ୩ ସଫଳ ଛାତ୍ରୀ ସମ୍ବର୍ଦ୍ଧିତ



ଆନନ୍ଦପୁର,୧୮।୨(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଗୋହିରା ପଞ୍ଚାୟତର କଲରାଗଡ଼ିଆସ୍ଥିତ ସେଲ୍ଫ ରିଏଲାଇଜେସନ ମିଶନର ଅନାଥାଶ୍ରମରୁ ଦୁଇଜଣ ଛାତ୍ରୀ ପଞ୍ଚମ ଓ ତୃତୀୟ ଶ୍ରେଣୀ ବୃତ୍ତିରେ କୃତକାର୍ଯ୍ୟ ହୋଇ ଅନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି। ଝାଡ଼େଶ୍ୱର ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ରୀ ମାମା ମୁଣ୍ଡା ଓ ତୃତୀୟ ଶ୍ରେଣୀର ଛାତ୍ରୀ ରେବତୀ ମୁଣ୍ଡା ଏହି ପରୀକ୍ଷାରେ ସଫଳତା ଅର୍ଜନ କରିଛନ୍ତି। ଶକ୍ତିପୀଠ ଅନାଥାଶ୍ରମର ଅଧକ୍ଷା ନମିତା ବଳଙ୍କ ତତ୍ତ୍ୱାବଧାନରେ ରହିଥିବା ଏହି ଦୁଇ ଛାତ୍ରୀ ବର୍ତ୍ତମାନ ବୀରଗୋବିନ୍ଦପୁର ହାଇସ୍କୁଲରେ ଅଧ୍ୟୟନ କରୁଛନ୍ତି। ଶିକ୍ଷକଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଗ୍ରାମବାସୀ ଛାତ୍ରୀଦ୍ୱୟଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି।



ଡୁରୁମୁଙ୍ଗା: ସେହିପରି ପାଟଣା ବ୍ଲକ ଚେମେଣା ପଞ୍ଚାୟତ ଶୁଣ୍ଢିପଶି ନୂତନ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଝୁମାରାଣୀ ମହାନ୍ତ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ସଫଳତା ପାଇଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଭାରେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାତ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସଚିଦାନନ୍ଦ ସେଠୀ, ପ୍ରକାଶଚନ୍ଦ୍ର ରାଓ, ଡୁରୁମୁଙ୍ଗା ସିଆରସିସି ଲିପଟନ ସାହୁ, ଶିକ୍ଷକ ନକୁଳଚନ୍ଦ୍ର ପାତ୍ର ସ୍କୁଲ ପରିଚାଳନା କମିଟି ସଭାପତି ରବିନ୍ଦ୍ର ମହାନ୍ତ ଯୋଗ ଦେଇଥିଲେ। ଶିକ୍ଷକ ରମେଶଚନ୍ଦ୍ର ନାଏକ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଉର୍ମିଳା ତ୍ରିପାଠୀ ଅଞ୍ଜନା ତନ୍ତି ସହଯୋଗ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ।

## ବିଶିଷ୍ଟ ଚଣ୍ଡୀ ସାଧକଙ୍କ ପରଲୋକ

ଆନନ୍ଦପୁର, ୧୮।୨ (ସମିସ): ଘସିପୁରା ବ୍ଲକ ଖଲଣା ନିବାସୀ ତଥା ବିଶିଷ୍ଟ ଚଣ୍ଡୀ ସାଧକ ଶରତଚନ୍ଦ୍ର ଦାଶ (୮୪)ଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ହଠାତ ଅସୁସ୍ଥ ହୋଇପଡିବାରୁ ଆନନ୍ଦପୁର ଡାକ୍ତରଖାନାକୁ ନିଆଯାଇଥିଲା।



ସେଠାରୁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ଚିକିତ୍ସାଧୀନ ଥିବା ବେଳେ ତାଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା। ଏନେଇ ଆନନ୍ଦପୁର ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ମୃତ୍ୟୁ ବେଳକୁ ପୁଅବୋହୂ, ନାତିନାତୁଣୀ, ଝିଅଜ୍ୱାଇଁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କର ପାର୍ଥିବ ଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ସଂସ୍କାର କରାଯାଇଛି। ସେ ସାଧନା ବଳରେ ଅନେକ ବ୍ୟକ୍ତିଙ୍କୁ ବ୍ୟାଧିମୁକ୍ତ କରିଥିଲେ।

## ବନାଞ୍ଚଳସ୍ତରୀୟ ଜଙ୍ଗଲ ନିଆଁ ନିବାରଣ ସଚେତନତା

ଚମ୍ପୁଆ, ୧୮।୨(ସମିସ): କେନ୍ଦୁଝର ବନଖଣ୍ଡ ଅଧୀନସ୍ଥ ଚମ୍ପୁଆ ବନାଞ୍ଚଳ ପକ୍ଷରୁ ଏକ ବନାଗ୍ନି ପ୍ରତିକାର ଓ ବନ୍ୟ ସମ୍ପଦର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଧରଣୀଧର ନଗରଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏସିଏଫ୍ ତଥା ଚମ୍ପୁଆ ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ସମ୍ମାନିତ ଅତିଥି ଭାବେ ନିକୋଲସନ ବନ ବିଦ୍ୟାଳୟର ଅଧକ୍ଷ, ଡିସିଏଫ ରାମଚନ୍ଦ୍ର ମୁର୍ମୁ, ଆଇଆଇସି ସ୍ୱରୂପ ନାଏକ, ଅଗ୍ନିଶମ ଅଧିକାରୀ ଗୌରାଙ୍ଗ ସିଂ, ରଜିଆ ସରପଞ୍ଚ ସନ୍ତୋଷ ନାଏକ, କରଞ୍ଜିଆ ସରପଞ୍ଚ ସୁପ୍ରିୟା ମୁଣ୍ଡା ଏବଂ ରଙ୍ଗାମାଟିଆ ସରପଞ୍ଚ ମାଧୁରୀ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ବନସୁରକ୍ଷା ସମିତିର ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନେ, ଗଜସାଥୀ, ସ୍କ୍ୱାଡ, ବିଦ୍ୟୁତ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଚମ୍ପୁଆ ରେଞ୍ଜର ୬ଟି ସେକ୍ସନର ଫରେଷ୍ଟର, ଫରେଷ୍ଟ ଗାର୍ଡମାନେ ଉପସ୍ଥିତ ଥିଲେ। ଏସିଏଫ ତଥା ରେଞ୍ଜର ଅକ୍ଷୟ ଛତ୍ରିଆ ଧନ୍ୟବାଦ ଦେଇଥିଲେ।

## ଆନନ୍ଦପୁର ମହାବିଦ୍ୟାଳୟରେ ଦୁଇ ଅଧ୍ୟାପକଙ୍କୁ ସମ୍ବର୍ଦ୍ଧନା



ଆନନ୍ଦପୁର,୧୮।୨(ସମିସ):ଆନନ୍ଦପୁର ମହାବିଦ୍ୟାଳୟ କର୍ମଚାରୀ ସଂଘ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ଡକ୍ଟର ନିମାଇଁ ଚରଣ ରାଉତଙ୍କ ସଭପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଡକ୍ଟର ଦେବାଶିଷ ଆଚାର୍ଯ୍ୟଙ୍କୁ ଡକ୍ଟରେଟ୍ ଡିଗ୍ରୀ ପାଇଥିବାରୁ ଅଧକ୍ଷ ଡକ୍ଟର ନାରାୟଣ ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। ସେହିପରି ରସାୟନ ବିଜ୍ଞାନ ପ୍ରାଧ୍ୟାପକ ପ୍ରଫୁଲ୍ଲ ପଣ୍ଡା ଧରଣୀଧର ବିଶ୍ୱବିଦ୍ୟାଳୟର ସିନେଟ୍ ସଦସ୍ୟ ଭାବେ ମନୋନୀତ ହୋଇଥିବାରୁ ତାଙ୍କୁ ମଧ୍ୟ ଅଧକ୍ଷ ସମ୍ବର୍ଦ୍ଧିତ କରିଥିଲେ। ଏଥିନିମନ୍ତେ ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି, କୁଳସଚିବ ଓ କର୍ତ୍ତୃପକ୍ଷଙ୍କୁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକଅଧ୍ୟାପିକା ଓ କର୍ମଚାରୀ କୃତଜ୍ଞତା ଅର୍ପଣ କରିଛନ୍ତି। ସମ୍ପାଦିକା ଭାରତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ

କେନ୍ଦୁଝର,୧୮।୨(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଘରହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ନିରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ୯୮ ଜଣ ମା' ଉପସ୍ଥିତ ଥିଲେ। ଘର ହିଁ ବିଦ୍ୟାଳୟ ମାଧ୍ୟମରେ କୋମଳମତି ଶିଶୁଙ୍କୁ କିପରି ସଂସ୍କାରପୂର୍ଣ୍ଣ ବାତାବରଣରେ ଶିକ୍ଷା ପ୍ରଦାନ କରାଯାଇ ପାରିବ ଓ ଏଥିରେ ପରିବାରର ସଦସ୍ୟଙ୍କ ଭୂମିକା କ'ଣ ରହିବା ଆବଶ୍ୟକ ସେ ବିଷୟରେ ପ୍ରଧାନ ଆଚାର୍ଯ୍ୟ ଶ୍ରୀ ସାହୁ ଆଲୋକପାତ କରିଥିଲେ। ବାଟିକା ବିଭାଗରେ ସାଗରିକା ସାହୁ, ଦୀପାରାଣୀ ସାହୁ, ମୀନା ପାତ୍ର ଗାୟତ୍ରୀ ମହାନ୍ତ, ଗୀତ ଏବଂ ଅଭିନୟ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

## ବ୍ଲକ୍ସ୍ତରୀୟ ଶିଶୁ ଅଧିକାର ସୁରକ୍ଷା ଶିବିର



ଡୁରୁମୁଙ୍ଗା, ୧୮।୨(ସମିସ): ପାଟଣା ବ୍ଲକ ମୁଖ୍ୟାଳୟ ବଡ଼ପାଟଣା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱେଚ୍ଛାସେବୀ ସଙ୍ଗଠନ ଆଶ୍ୱାସର ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଅଧିକାର ସୁରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଶ୍ୱାସର ବ୍ଲକ ସଂଯୋଜକ ଅରୁଣ ବରାଳଙ୍କ ଅଧକ୍ଷତାରେରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତରୁ ୪୦ରୁ ଅଧିକ ଶିଶୁ ଅଧିକାର ସୁରକ୍ଷା ମଞ୍ଚର ନେତୃବୃନ୍ଦ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ବଡ଼ପାଟଣା ସରପଞ୍ଚ ବିନତି ବାନରା ଓ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ତଥା କେନ୍ଦେଇପଶି ପୂର୍ବତନ ସମିତିସଭ୍ୟ ମିତ୍ରଭାନୁ ମହାନ୍ତ, ବୁଢ଼ିକାପୁଡି ପଞ୍ଚାୟତ ନାଏବ ସରପଞ୍ଚ ଯୋଗେଶ୍ୱର ମହାନ୍ତ, ବଡ଼ପାଟଣା ପଞ୍ଚାୟତ ୱାର୍ଡସଦସ୍ୟ ଡଲି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ କିପରି ସମ୍ପୂର୍ଣ୍ଣ ଲୋପ ପାଇବ ଏବଂ ଶିକ୍ଷାର ଉନ୍ନତି ହେବ, ସେବିଷୟରେ ସଚେତନ କରିବା ସହିତ ପ୍ରଶିକ୍ଷଣ ଦିଆଯାଇଥିଲା। ଆଶ୍ୱାସରର ଶିକ୍ଷା ସଂଯୋଜକ କବିନ୍ଦ୍ର ଦେହୁରୀ ଓ ଆଇସିଡିଏସ ସଂଯୋଜକ ରାଜକୁମାର ପଲେଇ ପରିଚାଳନା କରିଥିଲେ। ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

# ବିଭିନ୍ନ ବିଦ୍ୟାଳୟର ବାର୍ଷିକ ଉତ୍ସବ

### କୁମଡ଼ ଆଶ୍ରମ ବିଦ୍ୟାଳୟ

ଆନନ୍ଦପୁର, ୧୮।୨ (ସମିସ): ଆନନ୍ଦପୁର ବ୍ଲକ୍ କୋଳିମାଟି ପଞ୍ଚାୟତ କୁମଡ଼ ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ କୁମଡ ସରକାରୀ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଉମାମଣି ବେହେରା ସଂଯୋଜନା କରିଥିଲେ। କୋଲିମାଟି ସିଆରସିସି ଗଜେନ୍ଦ୍ର କୁମାର ନାଏକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କେନ୍ଦୁଝର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜୟନ୍ତ କୁମାର ସାମନ୍ତ ସିଂହାର, ମୁଖ୍ୟବକ୍ତା ଆନନ୍ଦପୁର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ବିଜୟ କୁମାର ପୂର୍ତ୍ତି, ସମ୍ମାନିତ ଅତିଥି ଭାବେ କୁମାଡ ଆଶ୍ରମ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୁନି ନାଏକ, ଫକିରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ ସୁରେଶ କୁମାର ବେହେରା ଭାଗମୁଣ୍ଡ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ ନନ୍ଦ ପ୍ରମୁଖ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସଂଯୁକ୍ତା ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହକାରୀ ଶିକ୍ଷକ ବାଇଧର ଜେନା ଅତିଥି ପରିଚୟ ଦେଇଥିଲେ। ଶିକ୍ଷୟିତ୍ରୀ ମିନତି ସାହୁ, ଅନିତା ନାଏକ, ମିନା ନାଏକ, ନାରଙ୍ଗ ନାଏକ, ଅମ୍ବିକା ନାଏକ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ବାଇଧର ଜେନା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ନୂଆଖମଣ ଆଶ୍ରମ ବିଦ୍ୟାଳୟ



ଡୁରୁମୁଙ୍ଗା: କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ନୂଆଖମଣ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମୁରଲୀ ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାତ, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୁଳଧର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ସିଆରସିସି ଜ୍ୟୋତିରଞ୍ଜନ ସେଠୀ, ପୂର୍ବତନ ସିଆରସିସି ହିମାଂଶୁଚନ୍ଦ୍ର ଚାଟାର୍ଜି, ଏସଏମ୍ସି ଅଧକ୍ଷ ପୁରେନ୍ଦ୍ର ନାଏକ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ପ୍ରକାଶ ତରେଇ ମଞ୍ଚ ପରିଚଳନା କରିଥିଲେ।

### ଏଟିଏସ୍ ଅଭାବ ସମସ୍ୟା

## ମୟୂରଭଞ୍ଜ ଗାଡ଼ି ମାଲିକ ଝାଡ଼ଖଣ୍ଡରେ କରୁଛନ୍ତି ଫିଟ୍‌ନେସ୍ ଟେଷ୍ଟ

ବାରିପଦା, ୧୮ ।୨(ସମିସ): କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲାର ଆର୍‌ଟିଓରେ ମାନୁଆଲ୍ ଯାନ ଫିଟନେସ୍ ଟେଷ୍ଟ ବ୍ୟବସ୍ଥା ୧ ଜାନୁଆରୀ ୨୦୨୬ରୁ ପୂର୍ଣ୍ଣରୂପେ ବନ୍ଦ ହୋଇଯାଇଛି । ଏହା ବଦଳରେ ଅଟୋମେଟେଡ୍ ଟେଷ୍ଟିଂ ଷ୍ଟେସନ୍ (ଏଟିଏସ୍) ମାଧ୍ୟମରେ ଫିଟନେସ୍ ପରୀକ୍ଷା ବାଧ୍ୟତାମୂଳକ କରାଯାଇଛି । କିନ୍ତୁ ଜିଲ୍ଲାରେ କୌଣସି ଏଟିଏସ୍ ନଥିବାରୁ ଜିଲ୍ଲାର ଗାଡ଼ି ମାଲିକଙ୍କୁ ପଡ଼ୋଶୀ ଝାଡ଼ଖଣ୍ଡର ପୂର୍ବ ସିଂହଭୂମ ଜିଲ୍ଲାର 'ୟୁନିଭର୍ସାଲ୍ ଅଟୋମେଟେଡ୍ ଫିଟନେସ୍ ସେଣ୍ଟର' ଭଳି କେନ୍ଦ୍ରକୁ ଯାଇ ଟେଷ୍ଟ କରାଇବାକୁ ପଡୁଛି । ଏହି ବ୍ୟବସ୍ଥା ଯାନ ମାଲିକଙ୍କ ପାଇଁ ବଡ଼ ଅସୁବିଧାଜନକ ହୋଇପଡ଼ିଛି । କାରଣ ଏଥିରେ ଅଧିକ ସମୟ, ଖର୍ଚ୍ଚ ଏବଂ ଯାତ୍ରାର କଷ୍ଟ ଯୋଡ଼ା ହୋଇଛି । କେନ୍ଦ୍ରୀୟ ମୋଟର ଯାନ ନିୟମ ୧୯୮୯ର ନିୟମ ୬୨ର ସଂଶୋଧନ ଅନୁସାରେ ଏହି ନିଷ୍ପତ୍ତି ନିଆଯାଇଛି, ଯାହା ପାରଦର୍ଶୀ ଏବଂ ବୈଜ୍ଞାନିକ ଫିଟନେସ୍ ଟେଷ୍ଟକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି । କିନ୍ତୁ ସ୍ଥାନୀୟ ଅଞ୍ଚଳରେ ଏଟିଏସ୍ ନଥିବାରୁ ଏହା ସ୍ଥାନୀୟ ଲୋକଙ୍କୁ ଅସୁବିଧାରେ ପକାଇଛି । ଯାନ ମାଲିକମାନେ କହୁଛନ୍ତି, ଘରୋଇ ସେବା ବନ୍ଦ ହୋଇ ପଡ଼ୋଶୀ ରାଜ୍ୟକୁ ଯାଇ ସେବା ନେବା କେଉଁ ଦିଗରୁ ସୁବିଧାଜନକ? ଏଥିରେ ଯାତ୍ରାର ଖର୍ଚ୍ଚ, ସମୟ ନଷ୍ଟ ଏବଂ ବାଟରେ ହେଉଥିବା ଅସୁବିଧା ଯାନ ମାଲିକଙ୍କ ବୋଝ ବଢ଼ାଉଛି । ବିଶେଷକରି ଗ୍ରାମାଞ୍ଚଳର ଛୋଟ ଯାନ ମାଲିକମାନେ ଏହାରେ ଅଧିକ ପ୍ରଭାବିତ ହେଉଛନ୍ତି । ଓଡ଼ିଶା ସରକାର ରାଜ୍ୟରେ ୩୫ଟି ଏଟିଏସ୍ ସ୍ଥାପନ କରିବାକୁ ଯୋଜନା କରିଛନ୍ତି, ଯାହାର ମଧ୍ୟରୁ ପ୍ରଥମ ଏଟିଏସ୍ କଟକରେ ୨୦୨୫ରେ ଚାଲୁ ହୋଇଛି । ୨୧ଟି ଏଟିଏସ୍ ପାଇଁ କାମ ଆରମ୍ଭ ହୋଇଛି ଏବଂ ୧୦ଟି ୨୦୨୫ ଡିସେମ୍ବର ସୁଦ୍ଧା ଚାଲୁ ହେବ ବୋଲି ଆଶା କରାଯାଉଛି । କିନ୍ତୁ ମୟୂରଭଞ୍ଜ ଭଳି ସୀମାନ୍ତ ଜିଲ୍ଲାରେ ଏବେ ଯାଏଁ କୌଣସି ଏଟିଏସ୍ ନିର୍ମାଣ ହୋଇନାହିଁ, ଯାହା ସରକାରର ବିଳମ୍ବକୁ ଇଙ୍ଗିତ କରୁଛି । ଏହି ବିଳମ୍ବ କାରଣରୁ ସ୍ଥାନୀୟ ଲୋକେ ଅସନ୍ତୁଷ୍ଟ ଏବଂ ସରକାରଙ୍କୁ ଦୋଷ ଦେଉଛନ୍ତି । ଏହି ପରିବର୍ତ୍ତନ ସଡ଼କ ସୁରକ୍ଷା ଏବଂ ପରିବେଶ ସୁରକ୍ଷାକୁ ବଢ଼ାଇବ ବୋଲି କୁହାଯାଉଥିଲେ ମଧ୍ୟ, ସ୍ଥାନୀୟ ଅଞ୍ଚଳରେ ସେବାର ଅଭାବ ଏହାକୁ ଏକ ବଡ଼ ସମସ୍ୟାରେ ପରିଣତ କରିଛି । ଯାନ ମାଲିକମାନେ ଦାବି କରୁଛନ୍ତି ଯେ ସରକାର ଶୀଘ୍ର ଜିଲ୍ଲାରେ ଏଟିଏସ୍ ସ୍ଥାପନ କରନ୍ତୁ ଏବଂ ଏହି ଅସୁବିଧାର ସମାଧାନ କରନ୍ତୁ । ଓଡ଼ିଶାର ପରିବହନ ବିଭାଗକୁ ଏହି ମାମଲାରେ ଦ୍ରୁତ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଉଛି । ନଚେତ୍ ଏହା ସ୍ଥାନୀୟ ଅର୍ଥନୀତି ଏବଂ ଦୈନନ୍ଦିନ ଜୀବନ ଯାପନକୁ ପ୍ରଭାବିତ କରିବ ବୋଲି ଚେତାବନୀ ଦିଆଯାଇଛି ।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର



ରାଇରଙ୍ଗପୁର, ୧୮ ।୨(ସମିସ): ଓଡ଼ିଶା ସିମାନ୍ତ ଯାମଦା ବ୍ଲକ ଅନ୍ତର୍ଗତ ଜଟାପାଣି ଗ୍ରାମର ଜନୈକ ଯୁବକ ଭାଲୁ ଆକ୍ରମଣରେ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ ଜଟାପାଣି ଗ୍ରାମର ପ୍ରଭାସ ବରାଳ(୩୫) ଆଜି ସକାଳ ସାଢ଼େ ୫ଟାରେ ଶୌଚ ପାଇଁ ଗାଁ ମୁଣ୍ଡକୁ ଯାଇଥିଲେ । ଶୌଚ ସମୟରେ ପାହାଡ଼ପାଖରୁ ହଠାତ୍ ଏକ ଭାଲୁ ଆସି ଆକ୍ରମଣ କରିଥିଲା । ପ୍ରଭାସ ଭୟ ନ କରି ସାହାସର ସହିତ ନିଜ ଜୀବନକୁ ରକ୍ଷା କରିବା ପାଇଁ ଭାଲୁ ସହ ଲଢ଼ିଥିଲେ । ଭାଲୁଟି ତାଙ୍କ ଛାତିକୁ ରାମ୍ପୁଡି ରକ୍ତାକ୍ତ କରିବା ସହ ହାତକୁ ଖଣ୍ଡିଆ ଖାବରା କରି ଦେଇଥିଲା । ତାଙ୍କ ଚିତ୍କାର ଶୁଣି ପ୍ରଭାସର ଭାଇ ଓ ଗାଁ ଲୋକେ ଆସିବା ଫଳରେ ଭାଲୁଟି ସ୍ଥାନ ଛାଡି ଜଙ୍ଗଲ ଭିତରକୁ ପଳାଇଥିଲା । ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ଡାକ୍ତରଖାନାକୁ ଆଣିଥିଲେ । ଖବର ପାଇ ବନ ବିଭାଗ ପହଞ୍ଚି ମନୋଜର ହାଲଚାଲ ବୁଝିଥିଲେ । ବନ ବିଭାଗ ତରଫରୁ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରାଯିବ ବୋଲି କହିଥିଲେ ।

### ଅବହେଳିତ ଗ୍ରାମ 'ସୁଦୁରିଆଗୋଠ'

# ଗ୍ରାମବାସୀଙ୍କ ଶୋଷ ମେଣ୍ଟାଉଛି ଚୁଆ ଓ ଝରଣା ପାଣି

ଶରତ,୧୮ ।୨(ସମିସ):



ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ୍ ପଦ୍ମପୋଖରୀ ଗ୍ରାମପଞ୍ଚାୟତ ଅଧୀନ ସୁଦୁରିଆଗୋଠ ଗ୍ରାମ ଅବହେଳିତ ଅବସ୍ଥାରେ ରହିଛି । ଏଠାରେ ପାନୀୟଜଳ ସମସ୍ୟା ଉତ୍କଟ ହୋଇଥିବାବେଳେ ଚୁଆ ଓ ଝରଣା ପାଣି ଗ୍ରାମବାସୀଙ୍କ ଶୋଷ ମେଣ୍ଟାଉଛି । ଏହି ଗ୍ରାମରେ ରୁହନ୍ତି ୪୫ ଟି ହୋ' ଜନଜାତି ପରିବାରର ୨୦୦ରୁ ଊର୍ଦ୍ଧ୍ୱ ଲୋକ । ଜିଲ୍ଲାର ଔପଦା ବ୍ଲକର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଥିବାରୁ ଏହି ଗ୍ରାମକୁ କେବେ ମଧ୍ୟ ପ୍ରଶାସନିକ ଅଧିକାରୀଙ୍କ ପାଦ ପଡ଼େ ନାହିଁ । ଏହି ଗ୍ରାମ ପଦ୍ମପୋଖରୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର ୫ କି.ମି ଦୂରରେ ଅବସ୍ଥିତ । ତେବେ ଗ୍ରାମରେ ମନରେଗା ଯୋଜନାରେ ରାସ୍ତାଘାଟ ନିର୍ମାଣ କାର୍ଯ୍ୟ ହୋଇ ପାରିନାହିଁ । ଗ୍ରାମ ବିଦ୍ୟୁତୀକରଣ ହୋଇଛି । ମାତ୍ର ମୋବାଇଲ ନେଟୱର୍କ ଏଠି ସାତ ସପନ ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଗ୍ରାମର ବାସିନ୍ଦା ଶୁଖୁଆପଟା ପାହାଡ଼, ଶାରୀଶୁଆ ପାହାଡ଼ ଏବଂ କୁଲଡ଼ିହା ଅଭୟାରଣ୍ୟରୁ ଝରି ଯାଉଥିବା ଝରଣାର ପାଣି ସଂଗ୍ରହ କରି ଶୋଷ ମେଣ୍ଟାଉଛନ୍ତି । କିନ୍ତୁ ଗ୍ରୀଷ୍ମ ଋତୁର ପ୍ରାରମ୍ଭରେ ହିଁ ଝରଣାର ପାଣି ଶୁଖି ଯାଉଥିବାରୁ ଏମାନେ ଚୁଆ ଖୋଳି ପାଣି ସଂଗ୍ରହ କରୁଥିବା ଭଳି ଦୟନୀୟ ଦୃଶ୍ୟ ଦେଖିବାକୁ ମିଳୁଛି । ବର୍ଷା ଋତୁରେ ବିଲ ଓ ଝରଣାର ପାଣି ଏବଂ ଗ୍ରୀଷ୍ମ ଋତୁରେ ଚୁଆ ପାଣି ଏମାନଙ୍କ ରୋଷେଇ ତଥା ପାନୀୟ ପାଇଁ ବ୍ୟବହାର କରିବାର ଏକମାତ୍ର ଉପାୟ । ଗ୍ରାମରେ ରହିଛି 'ସୁଦୁରିଆଗୋଠ ଅଙ୍ଗନବାଡ଼ି କେନ୍ଦ୍ର' । ଏଠି ପ୍ରାୟ ୪୦ ଜଣ ପିଲା ପାଠ ପଢୁଛନ୍ତି । ଏହି ସୁଦୁରିଆଗୋଠ ଗ୍ରାମରେ ପାନୀୟ ଜଳର ସମସ୍ୟା ଏତେ ଉତ୍କଟ ହୋଇଛି କି ଯେ - ଅଙ୍ଗନୱାଡ଼ି କର୍ତ୍ତୃପକ୍ଷ ମଧ୍ୟ କେନ୍ଦ୍ରର ବ୍ୟବହାର ତଥା ପିଲାଙ୍କ ରୋଷେଇ ନିମନ୍ତେ ଚୁଆ ପାଣି ସଂଗ୍ରହ କରୁଛନ୍ତି । ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ରରେ ଗୋଟିଏ ଲେଖାଏଁ ନଳକୂପ ଖୋଳା ଯାଉଥିବା ବେଳେ ଦୁର୍ଗମ ଗ୍ରାମାଞ୍ଚଳରେ ଥିବା ଏହି ଅଙ୍ଗନବାଡ଼ି କେନ୍ଦ୍ରକୁ ଏଥିରୁ ବଞ୍ଚିତ କରାଯାଇଛି । ପାଣି ପଞ୍ଚାୟତ ନାମରେ ସରକାର ହଜାର ହଜାର କୋଟି ଟଙ୍କା ବ୍ୟୟ କରୁଥିଲେ ସୁଦ୍ଧା ଏହି ଗ୍ରାମରେ ନଳକୂପ ନ ଖୋଳା ହେବା ଉଭୟ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଏବଂ କପ୍ତିପଦା ବ୍ଲକ ପ୍ରଶାସନର ପାରିବାପଣିଆ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । କପ୍ତିପଦା ବ୍ଲକ୍ ପାନୀୟ ଜଳ ବିଭାଗର ଅତିରିକ୍ତ ଯନ୍ତ୍ରୀ ସୃଷ୍ଟିଧର ବେହେରା କହିଛନ୍ତି ଯେ ଆମ୍ଭେ 'ସକାଳ' ପ୍ରତିନିଧିଙ୍କ ଯୋଗେ ଖବର ପାଇଛୁ ଏବଂ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରୁଛୁ । ମୟୂରଭଞ୍ଜ ଜିଲ୍ଲା ପରିମଳ ବିଭାଗର ଅଧିକାରୀମାନେ ଉକ୍ତ ଗ୍ରାମକୁ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିବା ପାଇଁ ଗ୍ରାମର ଜେମା ହୋ', ଲକ୍ଷ୍ମୀ ସିଂ, ସସ୍ମିତା ହୋ, ନବୀନ ମୁଣ୍ଡୁରୀ ପ୍ରମୁଖ ନିବେଦନ କରିଛନ୍ତି ।

## ବିଜୁ ସେତୁ ଅଧପନ୍ତରିଆ; ଲୋକେ ହୀନସ୍ତା



ରାସଗୋବିନ୍ଦପୁର, ୧୮ ।୨(ସମିସ): ରାସଗୋବିନ୍ଦପୁର ବ୍ଲକ୍ ତମ୍ବଖୁରୀବନ୍ଧମୁଣ୍ଡି ରାସ୍ତାର ସ୍ଥାନୀୟ ନାଳ (ବାଳିଆ ପିଟା) ଉପରେ ନିର୍ମାଣାଧୀନ ସେତୁର ଶୁଭାରମ୍ଭ ବିଗତ ଫେବୃଆରୀ ୨୦୨୪ରେ ତତ୍କାଳୀନ ବିଧାୟକ ରାଜକିଶୋର ଦାସଙ୍କ ଦ୍ୱାରା ହୋଇଥିଲା । କିନ୍ତୁ ବିଡ଼ମ୍ବନାର ବିଷୟ ବର୍ଷେରୁ ଅଧିକ ସମୟ ହେବ ଏହି କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ପଡ଼ି ରହିଛି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି । ଅଧପନ୍ତରିଆ ପୋଲରେ ବ୍ୟବହୃତ ଲୁହା ରଡ଼୍‌ଗୁଡ଼ିକ ମୋଡ଼ିଯାଇ କଳଙ୍କି ଲାଗିବା ସହ ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଲାଣି । ଏହି ରାସ୍ତା ଗାଁ ଅମରଦାରୁ ବରହମ୍ପୁରା ଓ ଟିକାୟତପୁର ଗ୍ରାମକୁ ସିଧାସଳଖ ସଂଯୋଗ କରୁଥିବାରୁ ଦୈନିକ ଯାତାୟାତ କରୁଥିବା ଅଞ୍ଚଳବାସୀ, ଛାତ୍ରଛାତ୍ରୀଙ୍କ ଯାତାୟତରେ ସମସ୍ୟା ହେଉଛି । ରୋଗୀମାନଙ୍କ ପାଖରେ ଆମ୍ବୁଲାନ୍ସ ପହଞ୍ଚିବାରେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ବର୍ଷା ଋତୁରେ ବାଳିଆପିଟା ନାଳରେ ପାଣିର ସ୍ରୋତ ପ୍ରଖର ହେବାରୁ ବିକଳ୍ପ ରାସ୍ତା ବନ୍ୟା ଜଳରେ ଧୋଇଯାଉଛି । ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଉଛି ବୋଲି ଗ୍ରାମବାସୀ କହିଛନ୍ତି । ଏହା ସହିତ ନିର୍ମାଣସ୍ଥଳରେ ସୂଚନା ଫଳକ ନଥିବାରୁ କାର୍ଯ୍ୟର ମୂଲ୍ୟ ଓ ସମୟସୀମା ସମ୍ପର୍କରେ ସ୍ୱଚ୍ଛତା ମିଳୁନାହିଁ । ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀଙ୍କୁ ପଚାରିବାରୁ ନିର୍ବାଚନ ଆଚରଣ ବିଧି ଲାଗୁ ହେବାରୁ ସୂଚନା ଫଳକ ହଟାଯାଇଥିବା ଓ ପ୍ରାୟ ସାଢ଼େ ୪ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟରେ ଏହି ପୋଲର ପ୍ଲାନିଂ ବଦଳାଯାଇ ଉଚ୍ଚତା ବଢ଼ାଇ ପୁନର୍ବାର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରକାଶ କରିଥିଲେ । ହେଲେ ଏଠାରେ ପ୍ରଶ୍ନ ଉଠୁଛି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ନା ଠିକାଦାରଙ୍କ ଅବହେଳାରୁ କାର୍ଯ୍ୟ ବନ୍ଦ ରହିଛି? ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ମୋରଡ଼ା ବିଧାୟକ ତଥା ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ଼ କୃଷ୍ଣଚନ୍ଦ୍ର ମହାପାତ୍ର ଏଥିପ୍ରତି ଦୃଷ୍ଟି ଆକର୍ଷଣ କରି ଯଥାଶୀଘ୍ର ସେତୁ କାର୍ଯ୍ୟ ଶେଷ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ୨୧୬ ଲିଟର ମଦ ଜବତ, ୪ ଗିରଫ

କୁଆମରା ୧୮ ।୨(ସମିସ): ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଅବକାରୀ ଥାନା ପକ୍ଷରୁ ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି । ଚଢ଼ଉବେଳେ ମୋଟ ୨୧୬ ଲିଟର ମଦ ଜବତ କରାଯିବା ସହ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ତତ୍ ସହିତ ପୃଥକ ମାମଲା ରୁଜୁ ହୋଇଛି । ଏହି ଥାନା ଅନ୍ତର୍ଗତ ସାନ ଓଲିଆ ଗ୍ରାମର ମଣ୍ଡଳ ସୋରେନ (୫୬)ଙ୍କ ଠାରୁ ୨୫ ଲିଟର, ପାଣ୍ଡୁଦାସ ଖୁଣ୍ଟା ଗ୍ରାମର ଖୁଦଲ ମୁର୍ମୁ (୪୦)ଙ୍କ ଠାରୁ ୨୦ ଲିଟର, ଉଦଳା ଥାନା ଅନ୍ତର୍ଗତ ବୃନ୍ଦାଗଡ଼ି ଗ୍ରାମର ଦୁଃଖିଆ ଟୁଡୁ (୫୯)ଙ୍କ ଠାରୁ ୧୨ ଲିଟର ଓ ରାମଧେନୁ ମୁର୍ମୁ (୫୮)ଙ୍କ ଠାରୁ ୧୪ ଲିଟର ଦେଶୀ ମଦ ଜବତ ହୋଇଛି । ସେହିପରି କେନ୍ଦୁଆମୁଣ୍ଡି ଗ୍ରାମର ଏକ ନିର୍ଜନ ସ୍ଥାନରେ ବେଆଇନ ଭାବେ ତିଆରି ହେଉଥିବା ମଦ କାରଖାନା ଉପରେ ଚଢ଼ଉ କରାଯାଇଥିଲା । ଚଢ଼ଉ ପୂର୍ବରୁ ଅଭିଯୁକ୍ତମାନେ ସେଠାରୁ ଖସି ପଳାଇ ଯାଇଥିବା ବେଳେ ପୂର୍ବରୁ ସେଠାରେ ପ୍ରସ୍ତୁତ ହୋଇ ରହିଥିବା ୧୪୫ ଲିଟର ମଦ ଓ ୨୧ଶହ କେଜି ମହୁଲ ପୋଚ ଓ ସାମଗ୍ରୀ ଜବତ ହୋଇଛି । ଚଢ଼ଉରେ ଖୁଣ୍ଟା ଅବକାରୀ ବିଭାଗ ଏସ୍‌ଆଇ କୃଷ୍ଣ ସୁନ୍ଦର ସେଠୀ, ଉଦଳା ଏସ୍‌ଆଇ ରବୀନ୍ଦ୍ର ରେଡ୍ଡୀ କନେଷ୍ଟବଳ କୃଷ୍ଣ ସୋରେନ, ଦିବ୍ୟାଂଶୁ ପଣ୍ଡା, ନିରଞ୍ଜନ ମହାନ୍ତ, ଦୀପାଞ୍ଜଳି ଦାସ ପ୍ରମୁଖ ଚଢ଼ଉରେ ସାମିଲ ହୋଇଥିଲେ ।

## ଛୋଟ ପିଲାଙ୍କୁ ଦିଆଯାଉଛି ଏକ୍ସପାଏରୀ ଔଷଧ




ବାରିପଦା, ୧୮ ।୨(ସମିସ): କୋମଳମତି ପିଲାଙ୍କ ଜୀବନ ସହ ସ୍ୱାସ୍ଥ୍ୟ ବିଭାଗ ଖେଳୁଛନ୍ତି । ଶୁଳିଆପଦା ବ୍ଲକ ଅନ୍ତର୍ଗତ ଦେଉଳି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଆସିଛି ଏକ ଅଭାବନୀୟ ଚିତ୍ର । ଛୋଟ ପିଲାମାନଙ୍କୁ ଅବଧି ସରିଯାଇଥିବା ଔଷଧ ଦିଆଯାଉଛି । ସ୍ୱାସ୍ଥ୍ୟ ସେବା ଯେଉଁଠାରେ ଜୀବନ ବଞ୍ଚାଇବାର ମାଧ୍ୟମ, ସେଠାରେ ଯଦି ଅବଧି ସରିଯାଇଥିବା ଔଷଧ ପ୍ରଦାନ କରାଯାଏ । ତାହେଲେ ଏହା କେବଳ ଅବହେଳା ନୁହେଁ, ବରଂ ଶିଶୁମାନଙ୍କ ଜୀବନ ସହ ଖେଳ କରାଯାଉଛି ବୋଲି ସାଧାରଣରେ ଅଭିଯୋଗ ଉଠିଛି । ସ୍ଥାନୀୟ ଅଭିଭାବକଙ୍କ କହିବା ଅନୁଯାୟୀ, ନର୍ସ ଅଫିସର ଅନୀଲ କୁମାର ପଣ୍ଡା ପିଲାମାନଙ୍କୁ ଦେଇଥିବା କିଛି ଔଷଧର ଅବଧି ପୂର୍ବରୁ ସରିଯାଇଥିବା ଦେଖିବାକୁ ମିଳିଛି । ଔଷଧ ଯାଞ୍ଚ ହେଉନଥିବା ଜୀବନ ପ୍ରତି ବିପଦ ସାଜିଛି । ସ୍ୱାସ୍ଥ୍ୟ ବିଭାଗର ନିରୀକ୍ଷଣ ନହେବାରୁ ଆଜି ଏହି ପରିସ୍ଥିତି ସୃଷ୍ଟି ହୋଇଛି ।ଏହା କେବଳ ଏକ ସାଧାରଣ ଭୁଲ୍ ନୁହେଁ, ଏହା ଗୁରୁତର ଅବ୍ୟବସ୍ଥା ଓ ଦାୟିତ୍ୱହୀନତାର ଚିହ୍ନ ବୋଲି ଅଞ୍ଚଳବାସୀ କହିଛନ୍ତି । ତତ୍କାଳ ଘଟଣା ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହୋଇଛି । ଦୋଷୀ କର୍ମଚାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି ହୋଇଛି । ସମସ୍ତ ଔଷଧର ଯାଞ୍ଚ ଓ ସୁରକ୍ଷିତ ସ୍ୱାସ୍ଥ୍ୟ ସେବା ଆବଶ୍ୟକ ଅଟେ । ଉକ୍ତ ଗୁରୁତର ଅଭିଯୋଗକୁ ନେଇ ସ୍ୱାସ୍ଥ୍ୟ ବିଭାଗ କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବା ବାକି ରହିଲା ।

## ଏମ୍‌ସିଏମ୍‌ର ବିଏଲ୍‌ଏଲ୍‌ବି ବିଭାଗର କ୍ୟାରିୟର କାଉନସେଲିଂ

ବାରିପଦା,୧୮ ।୨(ସମିସ): ସ୍ଥାନୀୟ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମ୍‌ସିଏମ୍)ର ବିଏଲ୍‌ଏଲ୍‌ବି ବିଭାଗ ଦ୍ୱାରା ଆୟୋଜିତ 'କ୍ୟାରିୟର ଇନ୍ ଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଭାରତୀୟ ଆଇନ ସେବା ଅଧିକାରୀ, ଭାରତ ସରକାରଙ୍କ ପ୍ରତିରକ୍ଷା ବିଭାଗ ସମେତ ବିଭିନ୍ନ ମନ୍ତ୍ରାଳୟର ଆଇନ ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିବା ତଥା ଅନ୍ତର୍ଜାତୀୟ କୋର୍ଟରେ ଭାରତକୁ ପ୍ରତିନିଧିତ୍ୱ କରିଥିବା ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଆଇନ ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ସୁଯୋଗ ବିଷୟରେ ଆଲୋଚନା କରିଥିଲେ । ସେ ବିଶେଷ ଭାବେ ପାଞ୍ଚ ବର୍ଷିଆ ଇଣ୍ଟିଗ୍ରେଟେଡ୍ ଲ' କୋର୍ସ ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ । ଏହି କୋର୍ସ ଛାତ୍ରଛାତ୍ରୀଙ୍କୁ ଆଇନ ଶିକ୍ଷା ସହିତ ସାମାଜିକ ବିଜ୍ଞାନର ଜ୍ଞାନ ପ୍ରଦାନ କରେ, ଯାହା ସେମାନଙ୍କୁ ଭବିଷ୍ୟତରେ ବିଚାରପତି, ଓକିଲ, ଲିଗାଲ ଆଡ୍‌ଭାଇଜର୍ ଭାବରେ କାର୍ଯ୍ୟ କରିବାକୁ ସାହାଯ୍ୟ କରେ ବୋଲି କହିଥିଲେ । ବିଏଲ୍‌ଏଲ୍‌ବି ବିଭାଗର ମୁଖ୍ୟ ପ୍ରଫେସର ଜ୍ଞାନରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବାବେଳେ କୋର୍ସ କୋର୍ଡିନେଟର ଡଃ ଜିତେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଲ' କ୍ୟାରିୟର ବିଷୟରେ ଅନେକ ତଥ୍ୟ ଜାଣିବାକୁ ପାଇଥିଲେ । ପ୍ରଫେସର ଡ. ବେହେରା ସେମାନଙ୍କର ବିଭିନ୍ନ ପ୍ରଶ୍ନ ଉତ୍ତର ଦେଇ ସନ୍ଦେହ ଦୂର କରିଥିଲେ । ଏଥିରେ ଏକ ଶହରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଆଇନ ବିଭାଗର ଅନ୍ୟତମ ଅଧ୍ୟାପକ ସମ୍ବିତ କୁମାର ମିଶ୍ର ମଧ୍ୟ ନିଜର ମତ ଉପସ୍ଥାପନ କରିଥିଲେ । ଅନ୍ୟ ବିଭାଗର ବହୁ ଅଧ୍ୟାପକ, ଅଧ୍ୟାପିକା ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ନାୟକ ଏହି ମହାବିଦ୍ୟାଳୟରେ ପଢ଼ି ଶିକ୍ଷା ସମାପ୍ତ କରିଥିବା ଆଇନ ଛାତ୍ରଛାତ୍ରୀଙ୍କ ପାଇଁ ଓଡ଼ିଶା ଆଇନ ସେବା ପରୀକ୍ଷା ପାଇଁ ମାଗଣାରେ ୬ ମାସର କୋଚିଂ ସୁବିଧା ଯୋଗାଇ ଦିଆଯିବ ବୋଲି ଘୋଷଣା କରିଛନ୍ତି ।



### ଶେଷହେଲା ପାତା ପର୍ବ

# ନାଚଗୀତରେ ଦୁଲୁକିଲା ଗାଁ ଦାଣ୍ଡ

ବିଶୋଇ,୧୮ ।୨(ସମିସ):



ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ୍ ଭାତଛତ୍ର ପଞ୍ଚାୟତର ବାଡ଼ଜୋଳା ଗ୍ରାମର ମହାନ୍ ପର୍ବ 'ପାତା ପର୍ବ' ଉଦ୍‌ଯାପିତ ହୋଇଯାଇଛି । ଗ୍ରାମର ଭଞ୍ଜ ଇପିଲ ରାନାକାବ୍ ମାଡ଼ୱା କ୍ଲବ୍ ଆନୁକୂଲ୍ୟରେ ମହାପର୍ବ ମହା ଶିବରାତ୍ରି ଦିନ ଆରମ୍ଭ ହୋଇ ତିନିଦିନ ଧରି ଚାଲିଥିଲା । ଶିବରାତ୍ରୀରେ ଗ୍ରାମରେ ପ୍ରତ୍ୟକ୍ଷ ପାତାଳେଶ୍ୱର

### ମନମୋହିଲା ଆଦିବାସୀ ଡ୍ରାମା, ସେଲ୍ଫି ପଏଣ୍ଟରେ ଭିଡ଼

ଶୈବ ପୀଠରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଥିଲା । ପାତାର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମରେ ରାଇରଙ୍ଗପୁର ବ୍ଲକ୍ ନୁସାଡ଼ିହି, ଜାମଦା ବ୍ଲକ୍ ବିଞ୍ଜକ ସେରେରେଞ୍ଜ, ବିଶୋଇ ବ୍ଲକର ଅନ୍ଧାରଝରୀ ପାତାନାଚ ରୁଷିକା ଦଳ ଦ୍ୱାରା ପାରମ୍ପରିକ ଡାହାର ନାଚ ପରିବେଷଣ ହୋଇଥିଲା । ସେହିପରି ସନ୍ଧ୍ୟା କାର୍ଯ୍ୟକ୍ରମରେ ତିରିଂ ବ୍ଲକର ଚାରଖାଘୁଟୁ ଏବଂ ବିଜାତଳା ବ୍ଲକ ପାଟପୁର ସମାଜ ସିଙ୍ଗରାଇ ଦଳ ପକ୍ଷରୁ ସମାଜ ସିଙ୍ଗରାଇ ପ୍ରଦର୍ଶନ କରିଥିଲେ । ବାବଜୋଳା ପାତାର ତୃତୀୟ ଦିବସ ତଥା ଉଦ୍‌ଯାପନୀ ଦିବସରେ ବାଙ୍ଗରିପୋଷି ଘୋଟିଡୁବା ଏବଂ ଝାଡ଼ଖଣ୍ଡ ପୂର୍ବ-ସିଂହଭୂମ ଜିଲ୍ଲାର ନେଣ୍ଡ୍ରା ପାତା ନାଚ ଦଳ ପାତାନାଚ ପ୍ରଦର୍ଶନ କରିଥିଲେ । ଉଦ୍‌ଯାପନୀ ଦିବସରେ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବରେ ଭାତଛତ୍ର ସରପଞ୍ଚ ଭାଦୁରାମ ହାଁସଦା, ୩୪ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ,ବିଶୋଇ ବ୍ଲକ ଉପାଧ୍ୟକ୍ଷ ଚନ୍ଦ୍ରମୋହନ ଗିରି, ଜିଲ୍ଲା ଜଳ ଓ ପରିମଳ ମିଶନର ଜିଲ୍ଲା ପ୍ରବର୍ତ୍ତିକା ସଂଯୁକ୍ତା ସାହୁ, ବ୍ଲକ ଜଳ ଓ ପରିମଳ ବିଭାଗର ବିଆରସି ସୁକାନ୍ତି ସୋରେନ, ସାଂସଦ ପ୍ରତିନିଧି ଉମାକାନ୍ତ ନନ୍ଦ, ଶିକ୍ଷକ କଲ୍ୟାଣ କୁମାର ମାର୍ଣ୍ଡି କ୍ଲବର ଉପଦେଷ୍ଟା ସନାତନ ହାଁସଦା, ଫାଉଣ୍ଡର ସମ୍ପାଦକ ରାମାୟଣ ମାର୍ଣ୍ଡି, ଫାଉଣ୍ଡର ସଭାପତି ମାନସିଂ କିସ୍କୁ ପାତା ରୁଷିକାମାନଙ୍କୁ ପୁରସ୍କୃତ କରିଥିଲେ । ସେହିପରି ରାତ୍ରିରେ ଆଦିବାସୀ ଡ୍ରାମା ଦର୍ଶକଙ୍କ ମନମୋହିଥିଲା । ଜିଲ୍ଲାର ବଛାବଛା ପାଞ୍ଚଗୋଟି ଡ୍ରାମା ଦଳ ଏଥିରେ ଅଂଶ ଗ୍ରହଣ କରିଥିଲେ । ସେଥିମଧ୍ୟରୁ ତିରିଂ ବ୍ଲକର ବ୍ରାହ୍ମଣବୋଷ ପ୍ରଥମ ହୋଇ ୨୦ ହଜାର, ବାରିପଦା ବ୍ଲକ୍ ରାଜାବାସା ଦ୍ୱିତୀୟ ସ୍ଥାନ ଅଧିକାର କରି ୧୫ ହଜାର, ମୋରଡା ବ୍ଲକ ଚନ୍ଦନପୁର ତୃତୀୟ ସ୍ଥାନ ହୋଇ ୧୨ ହଜାର, ଖୁଣ୍ଟା ବ୍ଲକ୍ ଜାମଶୋଳା ଚତୁର୍ଥ ସ୍ଥାନ ଅଧିକାର କରି ୧୦ ହଜାର ଟଙ୍କା ଏବଂ କୁସୁମୀ ବ୍ଲକ ଭୋଳବେଡା ପଞ୍ଚମ ସ୍ଥାନ ଅଧିକାର କରି ୮ ହଜାର ଟଙ୍କା ପୁରସ୍କାର ରାଶି ଗ୍ରହଣ କରିଥିଲେ । ପାତା ପର୍ବ ଅବସରରେ ଗ୍ରାମର ମହିଳାମାନେ ନିଜ ବାସଗୃହ କାନ୍ଥରେ ହାତ ତିଆରି ରଙ୍ଗ ବେରଙ୍ଗ ଚିତ୍ରକଳା ପ୍ରଦର୍ଶନୀ କରିବାର ବିଶେଷତ୍ୱ ରହିଛି । ଏହି ଚିତ୍ରକଳା ପାଇଁ ମହିଳାଙ୍କୁ ପୁରସ୍କୃତ କରାଯାଇଥାଏ । ଏମ୍‌ଜିଏମ୍ ଫାଉଣ୍ଡେସନ ତରଫରୁ ଜେଓମେଟ୍ରିକାଲ ଚିତ୍ରକଳାକୁ ପ୍ରୋମୋଟ କରୁଥିବା ଗ୍ରାମର ୭ ଜଣ ମହିଳା ବାସନ୍ତୀ ହାଁସଦା, ପଦ୍ମାବତୀ ହାଁସଦା, ଆଝ ମୁର୍ମୁ, ମାଇନ ବାସ୍କେ, ଢୁମୁନୀ ହେମ୍ବ୍ରମ, ଲକ୍ଷ୍ମୀ ହେମ୍ବ୍ରମ, ମାଇନ ହାଁସଦା ଓ ଆରୁଷ ବାସ୍କେଙ୍କୁ ସ୍ୱତନ୍ତ୍ର ଭାବେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ଏହି ସମସ୍ତ ମହିଳାଙ୍କୁ ଭାତଛତ୍ର ସରପଞ୍ଚ ଭାଦୁରାମ ହାଁସଦା ପୁରସ୍କୃତ କରିଥିଲେ । ଗ୍ରାମର ସ୍ୱର୍ଗତ ମଧୁସୂଦନ୍ ମାର୍ଣ୍ଡିଙ୍କ ସ୍ମୃତିକୁ ମନେ ରଖିବା ଉଦ୍ଦେଶ୍ୟରେ ତାଙ୍କର ବଡ଼ ଭାଇ ଏବଂ ସାନଭାଇ ଗ୍ରାମରେ ଶୀତଳ ପାନୀୟଜଳ ନିମନ୍ତେ ଏକ ଆକୁଆଗାର୍ଡ ଦାନ କରି କ୍ଲବ୍ ଘର ସମ୍ମୁଖରେ ସ୍ଥାପନ କରି ତାଙ୍କରି କର କମଳରେ ଏହାର ଶୁଭ ଉଦ୍‌ଘାଟନ କରିଥିଲେ । କ୍ଲବର ସଭାପତି ଚନ୍ଦନ ହାଁସଦା, ଉପଭାପତି ଅମର ସିଂ ହେମ୍ବ୍ରମ, ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ହାଁସଦା, ସହ ସମ୍ପାଦକ ସୁନ୍ଦର ମୋହନ ବେଶ୍ରା, ଡ୍ରାମାଟିକ ସମ୍ପାଦକ କୁଶାଳ ବାସ୍କେ, କୋଷାଧ୍ୟକ୍ଷ ସୁପାଇ ବାସ୍କେ, ରତନ ହାଁସଦା, ବୁଧରାୟ ଟୁଡୁ, ରୂପେନ୍ଦ୍ର ହାଁସଦା, ବାର୍ଷା ହାଁସଦା, ସଦାନନ୍ଦ ଟୁଡୁ, ସୁନାରାମ ହାଁସଦା ସମେତ ବ୍ଲକ୍‌ର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

NACO
10001/66/2526
OSACS

ଯଦି ଆପଣ ଏଚ୍‌ଆଇଭି ପଜିଟିଭ୍ ତେବେ:

ଯଥାଶୀଘ୍ର ଚିକିତ୍ସା ଆରମ୍ଭ କରିବା ପାଇଁ ନିଜକୁ ନିକଟସ୍ଥ ଏଆରଟି କେନ୍ଦ୍ରରେ ପଞ୍ଜୀକରଣ କରନ୍ତୁ । ମନେ ରଖନ୍ତୁ

- ଚିକିତ୍ସା ଆରମ୍ଭ କରିବା ପୂର୍ବରୁ ଡାକ୍ତର କିଛି ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେବେ ।
- ରୋଗ ନିର୍ଣ୍ଣୟ ପରେ ଚିକିତ୍ସା ଆରମ୍ଭ ହେବ ।
- ଏଆରଟି ବେଳେ ଝାଡ଼ା, ଜ୍ୱର ଏବଂ ଥକ୍କାପଣ ଭଳି କିଛି ପାର୍ଶ୍ୱ ପ୍ରତିକ୍ରିୟା ହୋଇପାରେ, କିନ୍ତୁ ସମୟ ସହିତ ସେଗୁଡ଼ିକ ଚାଲିଯାଏ ।
- ଯଦି ଆପଣ ଏହି ପାର୍ଶ୍ୱ ପ୍ରତିକ୍ରିୟା ଅନୁଭବ କରନ୍ତି ତେବେ ଆପଣଙ୍କର ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ କିନ୍ତୁ ଆପଣଙ୍କର ଚିକିତ୍ସା ଜାରି ରଖନ୍ତୁ ।

ଏଆରଟି ଗ୍ରହଣ କରିବାର ଲାଭ:

1. ଏକ ସୁସ୍ଥ ଏବଂ ଦୀର୍ଘ ଜୀବନ ବଞ୍ଚିବାରେ ସାହାଯ୍ୟ କରେ ।
2. CD4 ଗଣନା ବୃଦ୍ଧି ରୋଗ ପ୍ରତିରୋଧକ ଶକ୍ତିରେ ସାହାଯ୍ୟ କରେ ।
3. ଭାଇରାଲ୍ ଲୋଡ୍ ହ୍ରାସ ହେବା ଦ୍ୱାରା ହୃଦୟ, ଯକୃତ ଏବଂ ମସ୍ତିଷ୍କ ପରି ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ କ୍ଷତିଗ୍ରସ୍ତ ହୁଏ ନାହିଁ ।
4. ଯଦି ଭାଇରାଲ୍ ଭାର ଅଧିକ ନ ଥାଏ ଯୌନ ସମ୍ପର୍କ ସମୟରେ ସଂକ୍ରମଣ ହେବାର ଆଶଙ୍କା କମିଯାଏ, କିନ୍ତୁ ଯୌନ ସମ୍ପର୍କ ସମୟରେ ସର୍ବଦା କଣ୍ଡୋମ ବ୍ୟବହାର କରନ୍ତୁ ।
5. କମ୍ ଭାଇରାଲ୍ ଲୋଡରେ ଗର୍ଭାବସ୍ଥାରେ କିମ୍ବା ସ୍ତନ୍ୟପାନ କରାଇବା ସମୟରେ ମା'ଠାରୁ ଶିଶୁକୁ ସଂକ୍ରମଣ ହେବାର ଆଶଙ୍କା କମିଯାଏ ।

OIPR-10001/10060/2/25-26/0003

Follow us on : BREAKFREE https://breakfreeindia.org

AIDS Helpline 1097
ଅଧିକ ଜାଣିବା ପାଇଁ ନିଃଶୁଳ୍କ ଟେଲିଫୋନ୍ ନମ୍ବର ୧୦୯୭ ରେ ଯୋଗାଯୋଗ କରନ୍ତୁ ।

ସକାଳ THE SAKALA



www.sakalaepaper.com

ବିପଦକୁ ଡାକୁଛି ବହୁତଳ ପ୍ରାସାଦ

# ବିନା ଏନ୍‌ଓସିରେ ମାଳମାଳ କୋଠା



ବାରିପଦା, ୧୮ ।୨(ସମିସ): ମୟୂରଭଞ୍ଜ ଜିଲ୍ଲାର ମୁଖ୍ୟାଳୟ ବାରିପଦାରେ ବହୁତଳବିଶିଷ୍ଟ ବେଆଇନ୍ କୋଠା ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଯାହାକି ଭବିଷ୍ୟତ ପାଇଁ ଏକ ଗମ୍ଭୀର ସମସ୍ୟା ଭାବେ ଉଭା ହେବାକୁ ଯାଉଛି। ଏପରି କୋଠାଘର ଅଗ୍ନିଶମ ବିଭାଗର ଅନୁମୋଦନ ବା ଏନ୍‌ଓସି ନଥିବା ସତ୍ତ୍ୱେ ନିର୍ମାଣ ଚାଲୁ ରହିଛି। ବାରିପଦା ପରି ସହରରେ ଆଶାତୀତ ଭାବେ ଏହି ବହୁତଳ ପ୍ରାସାଦ ଛତୁ ଫୁଟିଲା ପରି ବଢ଼ିଚାଲିଥିବାବେଳେ ନଗର ବିକାଶ ନିୟମରେ ଅନିୟମିତତା, ପ୍ରଶାସନିକ ଦୁର୍ବଳତା ଏବଂ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରିକି ବଡ଼ ଅଘଟଣକୁ ଆମନ୍ତ୍ରଣ କରିବା ଭଳି। ଓଡ଼ିଶାର ଅଗ୍ନିକାଣ୍ଡ ନିରୋଧକ ଏବଂ ଅଗ୍ନି ସୁରକ୍ଷା ନିୟମ, ୨୦୧୭ ଅନୁଯାୟୀ, ୧୨ ମିଟରରୁ ଅଧିକ ଉଚ୍ଚତା ବା ୨ମହଲାରୁ ଅଧିକ ଭବନଗୁଡ଼ିକ ପାଇଁ ଫାୟାର୍ ଏନଓସି ଆବଶ୍ୟକ, କିନ୍ତୁ ଏଠାରେ ତା'ର ଉଲ୍ଲଙ୍ଘନ ସାଧାରଣ ହୋଇପଡ଼ିଛି। ଏହା କେବଳ ସ୍ଥାନୀୟ ପ୍ରଶାସନର ଅବହେଳାକୁ ଇଙ୍ଗିତ କରୁନାହିଁ ବରଂ ଜନସୁରକ୍ଷାର ବଡ଼ ବିପଦ୍ ସୃଷ୍ଟି କରୁଛି। ବାରିପଦା ପୌରପାଳିକା ଅଞ୍ଚଳର ପ୍ରମୁଖ ସଡକ ପାର୍ଶ୍ୱରେ ଏହି ସମସ୍ୟା ଜଳ ଜଳ ହୋଇ ଦେଖା ଯାଉଥିଲେ ବି, ଜାଣି ଅଜଣା ରହିଛି ଅଗ୍ନିଶମ ବିଭାଗ।

ସ୍ଥାନୀୟ ସୂତ୍ର ଅନୁଯାୟୀ, ମୁଖ୍ୟ ରାସ୍ତା ଏବଂ ଅନ୍ତର୍ଭାଗରେ ଅନେକ ଆବାସିକ ଏବଂ ବ୍ୟବସାୟିକ ଭବନ ଫାୟାର୍ ସେଫ୍ଟି ମାନଦଣ୍ଡ ବିନା ନିର୍ମିତ ହୋଇଛି ଓ ନିର୍ମାଣାଧୀନ ମଧ୍ୟ ରହିଛି। ୨୦୨୨ରେ ବାରିପଦା ଅଗ୍ନିଶମ ବିଭାଗ ଜିଲ୍ଲା ପ୍ରଶାସନକୁ ଚିଠି ଲେଖି ବ୍ୟବସାୟିକ ଏବଂ ଆବାସିକ ଭବନଗୁଡ଼ିକର ସୁରକ୍ଷା ନିଶ୍ଚିତ କରିବାକୁ ଅନୁରୋଧ କରିଥିଲା, କିନ୍ତୁ ଏହାର ସୁଫଳ ମିଳିନାହିଁ। ସିଏଜି ରିପୋର୍ଟରେ ମଧ୍ୟ ଓଡ଼ିଶାର ବହୁତଳ ପ୍ରାସାଦଗୁଡ଼ିକରେ ଫାୟାର୍ ଫାଇଟିଂ ସିଷ୍ଟମ୍ ନଥିବା ବିଷୟରେ ଉଲ୍ଲେଖ ରହିଛି, ଯାହା ପ୍ରୋଟେକ୍ସନ୍ ଆଣ୍ଡ ବିଲ୍ଡିଂ ସର୍ଭିସେସ୍ ରୁଲ୍ସ ୨୦୦୮ ର ଉଲ୍ଲଙ୍ଘନ ବୋଲି କୁହାଯାଇଥିଲେ ବଡ ଅଘଟଣକୁ ଅପେକ୍ଷା କରାଯାଇଛି। ଏହି ଅନିୟମିତତା କେବଳ ବାରିପଦାରେ ନୁହେଁ, ସମଗ୍ର ଜିଲ୍ଲାରେ ବ୍ୟାପିଛି, ଯେଉଁଠାରେ ଛୋଟ ପ୍ଲଟ୍ ଗୁଡ଼ିକରେ ମଧ୍ୟ ଉଚ୍ଚ ଭବନ ନିର୍ମାଣ ହେଉଛି। ଏହି ବେଆଇନ୍ ନିର୍ମାଣର ମୂଳ କାରଣ ହେଉଛି ନଗର ଯୋଜନାର ଅଭାବ ଏବଂ ପ୍ରଶାସନିକ ଦୁର୍ନୀତି। ବାରିପଦା ଭଳି ଛୋଟ ସହରରେ ଜନସଂଖ୍ୟା ବୃଦ୍ଧି ଏବଂ ଆର୍ଥିକ ବିକାଶ ଯୋଗୁଁ ଭବନ ନିର୍ମାଣ ବଢ଼ିଛି, କିନ୍ତୁ ପୌରପାଳିକା ଏବଂ ଅଗ୍ନିଶମ ବିଭାଗର ମଧ୍ୟରେ ସମନ୍ୱୟର ଅଭାବ ରହିଛି। ଉଦାହରଣ ସ୍ୱରୂପ, ବାରିପଦା ଡେଭଲପମେଣ୍ଟ ଅଥରିଟି ଭଳି ଅନ୍ୟ ଅଞ୍ଚଳରେ ଗଗନଚୁମ୍ବୀ ଭବନଗୁଡ଼ିକର ଅନିୟମିତ ଅନୁମୋଦନ ବିଷୟରେ ସିଏଜି ରିପୋର୍ଟରେ ଉଲ୍ଲେଖ ରହିଛି। ଯାହା ମୟୂରଭଞ୍ଜରେ ମଧ୍ୟ ପ୍ରତିଫଳିତ ହେଉଛି। ତେବେ ବେଆଇନ ନିର୍ମାଣ ଯୋଗୁଁ ଅଗ୍ନିକାଣ୍ଡ ହେଲେ ଉଦ୍ଧାର କାର୍ଯ୍ୟ କଷ୍ଟକର ହୋଇପଡ଼େ ଏବଂ ଧନଜୀବନ ହାନିର ବିପଦ ବଢ଼େ। ଏହି ସମସ୍ୟାର ପ୍ରଭାବ ସାମାଜିକ ଏବଂ ଆର୍ଥିକସ୍ତରରେ ବ୍ୟାପକ ହୋଇଥିବାବେଳେ ଜାଣି ଅଜଣା ରହିଛି ବିଭାଗ। ଅଗ୍ନି ସୁରକ୍ଷାର ଅଭାବ ଯୋଗୁଁ ବ୍ୟବସାୟିକ କ୍ଷେତ୍ରରେ ବୀମା ଏବଂ ଆର୍ଥିକ କ୍ଷତିର ବିପଦ ବଢ଼େ।

ଏହା ବ୍ୟତୀତ, ଏହି ଭବନଗୁଡ଼ିକରେ ରହୁଥିବା ଲୋକମାନଙ୍କର ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଉପରେ ସିଧାସଳଖ ପ୍ରଭାବ ପଡ଼େ, ଯାହା ସାମାଜିକ ଅସନ୍ତୋଷ ସୃଷ୍ଟି କରେ। ସରକାରୀ ପଦକ୍ଷେପ ଏବଂ ସୁପାରିଶ ଆବଶ୍ୟକ। ଓଡ଼ିଶା ସରକାର ନିକଟରେ ବିଲ୍ଡିଂ ନିୟମରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଯେପରିକି ଅନଧିକୃତ ନିର୍ମାଣ ବିରୋଧରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଅନୁଯାୟୀ ନୂତନ ଗାଇଡଲାଇନ୍ ରହିଛି। କିନ୍ତୁ ମୟୂରଭଞ୍ଜରେ ଏହାର କାର୍ଯ୍ୟାକାରୀ ହେବା କ୍ଷେତ୍ରରେ ତୀବ୍ର ଅବହେଳା ଦେଖିବାକୁ ମିଳିଛି। ପୌରପାଳିକା ଏବଂ ଅଗ୍ନିଶମ ବିଭାଗର ମଧ୍ୟରେ ଡିଜିଟାଲ୍ ସମନ୍ୱୟ ପ୍ରଣାଳୀ ସ୍ଥାପନ କରିବା ଉଚିତ୍। ଯାହା ଅନୁମୋଦନ ପ୍ରକ୍ରିୟାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ କରିହେବ। ଏହା ବ୍ୟତୀତ, ଜନସଚେତନତା କାର୍ଯ୍ୟକ୍ରମ ଏବଂ କଡ଼ା ଦଣ୍ଡ ବ୍ୟବସ୍ଥା ଏହି ସମସ୍ୟାକୁ ନିୟନ୍ତ୍ରଣ କରିପାରିବ। ଜିଲ୍ଲାରେ ବେଆଇନ୍ କୋଠାଗୁଡ଼ିକର ବୃଦ୍ଧି ଏକ ସାମଗ୍ରିକ ନଗର ବିକାଶର ଅଭାବକୁ ଦର୍ଶାଉଛି। ଯଦି ପ୍ରଶାସନ ଏହାକୁ ଅବହେଳା କରେ, ତେବେ ଭବିଷ୍ୟତରେ ବଡ଼ ଦୁର୍ଘଟଣାର ବିପଦ ରହିବ। ଏହାର ସମାଧାନ ପାଇଁ ସରକାରୀ ଏବଂ ସାମାଜିକ ସହଯୋଗ ଆବଶ୍ୟକ, ଯାହା ମୟୂରଭଞ୍ଜକୁ ଏକ ସୁରକ୍ଷିତ ଏବଂ ସୁସ୍ଥ ଜିଲ୍ଲା ଭାବରେ ଗଢ଼ି ତୋଳିବ। ଏ ନେଇ ବାରିପଦା ଉପଜିଲ୍ଲାପାଳ ଡ.ଦୟାସିନ୍ଧୁ ପରିଡ଼ା କହିଛନ୍ତି ଯେ, ଆଗ୍ନିକ ଏନ୍‌ଓସି ସବୁ ସହରବାସୀଙ୍କୁ ନିଶ୍ଚିତ ଭାବେ ନେବାକୁ କୁହାଯାଇଛି। କିନ୍ତୁ କିଛି କ୍ଷେତ୍ରରେ ଏଥିରେ ଅସଙ୍ଗତି ଦେଖିବାକୁ ମିଳିଛି। ଏ ନେଇ ଆମେ ସ୍ଥାନୀୟ ପୁଲିସ ଓ ଅଗ୍ନିଶମ ବିଭାଗ ସହ ମିଶି ପଦକ୍ଷେପ ନେବାକୁ ଦୃଷ୍ଟି ଦେବୁ।

**ଜାଣି ଅଜଣା ଅଗ୍ନିଶମ ବିଭାଗ**

# ଖବର ପ୍ରକାଶ ପରେ ସଫା ହେଲା ବିଦ୍ୟାଳୟ ପରିସର



କରଞ୍ଜିଆ, ୧୮ ।୨(ସମିସ): ଖଜୁରୀସାଗର ବିଦ୍ୟାଳୟ ପ୍ରବେଶ ଦ୍ୱାର ମୁହଁରେ ଅଇଁଠା ଖଲି, ସହ ଅନ୍ୟାନ୍ୟ ଆବର୍ଜନା ପଡ଼ି ରହିଥିଲା। ଏ ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ପ୍ରଧାନ ଶିକ୍ଷୟିତ୍ରୀ ତତ୍ପରତା ପ୍ରକାଶ କରି ବିଦ୍ୟାଳୟ ପ୍ରାଙ୍ଗଣକୁ ସଫା କରାଇଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସେବତୀ ଲତା ନାୟକଙ୍କୁ 'ସକାଳ' ପ୍ରତିନିଧି ଭେଟିବା ସହ ଏ ବିଷୟରେ ପଚାରିବା ପରେ ସେ ଆଶ୍ୱାସନା ଦେଇ କହିଥିଲେ ଆମେ ଯଥାଶୀଘ୍ର ସ୍ଥାନଟିକୁ ପରିଷ୍କାର କରାଇଦେବୁ। ଖବର ପ୍ରକାଶନର ଗୋଟିଏ ଦିନ ମଧ୍ୟରେ ବିଦ୍ୟାଳୟ ପ୍ରାଙ୍ଗଣ ସ୍ୱଚ୍ଛ କରାଯାଇଛି। ଏତତ୍ ବ୍ୟତୀତ ବିଦ୍ୟାଳୟର ଆଭ୍ୟନ୍ତଭାଗକୁ ମଧ୍ୟ ପରିଚ୍ଛନ୍ନ କରାଯାଇ ବ୍ଲିଚିଂ ପାଉଡର ସିଞ୍ଚନ କରାଯାଇଛି।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସ୍ମୃତି ଚାରଣ ସଭା

ରାସଗୋବିନ୍ଦପୁର, ୧୮ ।୨(ସମିସ): ରାସଗୋବିନ୍ଦପୁର ବ୍ଲକ ଗଡ଼ିଘାଟି ଗ୍ରାମପଞ୍ଚାୟତସ୍ଥିତ ଅସ୍ତଗଡ଼ିଆ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷୟିତ୍ରୀ ଧୀରମଣି କବିଙ୍କ ଏକାଦଶାହ ଉପଲକ୍ଷେ ତାଙ୍କ ତମ୍ବାଖୁରୀସ୍ଥିତ ବାସଭବନରେ ଶ୍ରଦ୍ଧାଞ୍ଜଳି ଓ ସ୍ମୃତି ଚାରଣ ସଭା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବେଣୁଧର ସାହୁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବହୁ ପ୍ରତିଭାର ଅଧିକାରୀ ତଥା ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ସେ ବେଶ୍ ପରିଚିତ ଥିଲେ। ଗଡ଼ିଘାଟି ଗ୍ରାମପଞ୍ଚାୟତର ବହୁ ଛାତ୍ରଛାତ୍ରୀଙ୍କୁ ମଣିଷ ଭାବେ ତିଆରି କରିବାରେ ତାଙ୍କର ଭୂମିକା ଅତୁଳନୀୟ। ନିରାଡ଼ମ୍ବର ଜୀବନ ଯାପନ, ମିଷ୍ଟଭାଷୀ ଓ ଛାତ୍ର ବତ୍ସଳ ଶିକ୍ଷୟିତ୍ରୀ ହିସାବରେ ସେ ଥିଲେ ସମସ୍ତଙ୍କର ପ୍ରିୟପାତ୍ର। ତାଙ୍କର ଶେଷ ଜୀବନରେ ଏକ ଭବ୍ୟ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା କରି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିବାରୁ ସେ ଚିରଦିନ ଲୋକଙ୍କ ସ୍ମୃତିପଟରେ ରହିଥିବେ ବୋଲି ସ୍ମୃତି ଚାରଣ ସଭାରେ ଯୋଗଦେଇଥିବା ବହୁ ବ୍ୟକ୍ତି ମତପୋଷଣ କରିଥିଲେ। ତାଙ୍କ ପୁତୁରା ରାଜେଶ କବି, ଖଗେଶ୍ୱର କବି ଓ ଜୟନ୍ତ କବିଙ୍କ ଦ୍ୱାରା ଆୟୋଜିତ ଏହି ସ୍ମୃତି ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ, ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ ଯୋଗଦାନ କରିଥିଲେ।



ଗଡ଼ିଘାଟି ଗ୍ରାମପଞ୍ଚାୟତର ବରିଷ୍ଠ ନାଗରିକ ଓ ସାମାଜିକ ସୁରକ୍ଷା ମଞ୍ଚର ସଦସ୍ୟ ଶ୍ରୀକାନ୍ତ ଚରଣ ପାତ୍ର, ପ୍ରଶାନ୍ତ ପରିଡ଼ା, ମନ୍ମଥ ପ୍ରଧାନ, ଲକ୍ଷ୍ମୀ ନାରାୟଣ ପରିଡ଼ା, ରମେଶ ଚନ୍ଦ୍ର ପରିଡ଼ା, ଶାନ୍ତିଲତା ସାହୁ, ବିନତୀ ମଣି ଦାସ, ପର୍ଶୁରାମ କୁଣ୍ଡ, ହରିଶ୍ଚନ୍ଦ୍ର ସିଂ, ପିତାମ୍ବର ସାହୁ, ପ୍ରଭାକର ସାହୁ, ସୁଶାନ୍ତ କୁମାର ପରିଡ଼ା, ବରିଷ୍ଠ ସାମ୍ବାଦିକ ବଂଶୀଧର ସାହୁ, ସମ୍ପାଦକ ମନ୍ମଥ ସାହୁ, ସଦସ୍ୟ ଅମରନାଥ ମହାପାତ୍ର, ଅକ୍ଷୟ କୁମାର ମିଶ୍ର, ବିକର୍ତ୍ତନ କବି, ପ୍ରଶାନ୍ତ କୁମାର ପ୍ରଧାନ, ସର୍ବେଶ୍ୱର ଆଚାର୍ଯ୍ୟ, ରାଧାକୃଷ୍ଣ ମାଝୀ, ସାମ୍ବାଦିକ ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖ ସ୍ମୃତି ଚାରଣ ସଭାରେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ପରିଶେଷରେ ଚନ୍ଦନ ତାରା କବି ଧନ୍ୟବାଦ ଅର୍ପଣ କରିଥିଲେ।

# ୯ କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଦେବେ ୧୫୯୫ ଛାତ୍ରଛାତ୍ରୀ

ମହୁଲଡିହା, ୧୮ ।୨(ସମିସ): ଚଳିତବର୍ଷ ଠାକୁରମୁଣ୍ଡା ବ୍ଲକରୁ ହେବାକୁ ଥିବା ମାଟ୍ରିକ ପରୀକ୍ଷାରେ ୯ ଗୋଟି କେନ୍ଦ୍ରରୁ ମୋଟ ୧, ୫୯୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଯାଉଛନ୍ତି। ମହୁଲଡିହା ଉଚ୍ଚ ବିଦ୍ୟାଳୟରେ ସର୍ବାଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଯାଉଛନ୍ତି। ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ କପି ରୋକିବାକୁ ଏଆଇ କେମେରା ଲଗାଇବା ସହିତ ଶାନ୍ତିପୂର୍ଣ୍ଣ ଭାବରେ ପରୀକ୍ଷା ପରିଚାଳନା ନିମନ୍ତେ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଠାକୁରମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ୧୫୧, ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୦୨, ଦିଗିଧର ଉଚ୍ଚ ବିଦ୍ୟାଳୟରେ ୧୬୮, କେନ୍ଦୁଜିଆଣି ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟରେ ୧୮୮, ମହୁଲଡିହା ଉଚ୍ଚ ବିଦ୍ୟାଳୟରେ ୨୭୧, ଚମ୍ପାଝର ଉଚ୍ଚ ବିଦ୍ୟାଳୟରେ ୧୧୫, ତାଳପଦା ଉଚ୍ଚ ବିଦ୍ୟାଳୟରେ ୧୫୯, ଚମକପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୩୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଯାଉଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

# ଆରପଟା-କାଁଶ ରାସ୍ତା ମରଣଯନ୍ତା



କୁଆମରା, ୧୮ ।୨(ସମିସ): ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁନଗର ବ୍ଲକ ଆରପଟାରୁ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ କାଂଶକୁ ସଂଯୋଗ କରୁଥିବା ରାସ୍ତାଟି ଆରପଟାଠାରୁ ପ୍ରଶନ୍ନ ନଦୀ ପର୍ଯ୍ୟନ୍ତ ପାଖାପାଖି ଦୁଇ କିଲୋମିଟର ପର୍ଯ୍ୟନ୍ତ ମରଣଯନ୍ତା ପାଲଟିଛି। ଦୁଇ ଜିଲ୍ଲାକୁ ସଂଯୋଗ କରୁଥିବା ଏହି ରାସ୍ତାଟି ଅତ୍ୟନ୍ତ ବ୍ୟସ୍ତବହୁଳ। ଚାରି ଚକିଆ ଓ ଅନ୍ୟାନ୍ୟ ଭାରି ଯାନ ବାହନ ଏହି ରାସ୍ତା ଦେଇ ସର୍ବଦା ଯିବା ଆସିବା କରୁଛି। ବିଶେଷକରି ବାଲେଶ୍ୱର ଜିଲ୍ଲା ମିତ୍ରପୁର ଅଞ୍ଚଳରୁ ଚିପ୍ସ ଓ ମେଟାଲ ବୋଝେଇ କରି ଟ୍ରକ୍ ଓ ଡମ୍ପରଗୁଡ଼ିକ ମୟୂରଭଞ୍ଜ ଜିଲ୍ଲାକୁ ଆସୁଥିବାରୁ ଉକ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ପାଞ୍ଚ ବର୍ଷ ତଳେ କଂକ୍ରିଟ ହୋଇଥିବା ଏହି ରାସ୍ତାଟି ଖାଲଖମାରେ ଭର୍ତ୍ତି ହେବା ସହ ଚିପ୍ସଗୁଡ଼ିକ ରାସ୍ତା ସାରା ବିଛାଡ଼ି ହୋଇଛି। ଏଥିଯୋଗୁଁ ପଥଚାରୀଙ୍କ ପାଇଁ ବିପଦ ସାଜିଛି। ଏପରିକି ବାଇକ୍‌ଟି ଯିବା ବି କଷ୍ଟକର ହୋଇପଡ଼ିଛି। ବିଭାଗୀୟ ଅବହେଳା ଓ ମରାମତି ଅଭାବରୁ ରାସ୍ତାଟିର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାର ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହେବା ସହ ତୁରନ୍ତ ମରାମତି କରିବାକୁ ଦାବି ହେଉଛି। ତେବେ ଏ ନେଇ ସରପଞ୍ଚ ସଞ୍ଜୟ କୁମାର ସିଂଙ୍କୁ ପଚାରିବାରୁ ଏହା ବିଭାଗ ନିକଟରେ ଅଭିଯୋଗ କରିଥିବା କହିଛନ୍ତି।

# ଶିଶୁ ବିକାଶ ବିଦ୍ୟା ମନ୍ଦିରର ବାର୍ଷିକ ମହୋତ୍ସବ

ବାରିପଦା, ୧୮ ।୨(ସମିସ): ଶ୍ୟାମାଖୁଣ୍ଟା ବ୍ଲକସ୍ଥିତ ଧନପୁରଠାରେ ଅବସ୍ଥିତ ଶିଶୁ ବିକାଶ ବିଦ୍ୟା ମନ୍ଦିର ପରିସରରେ ବିଦ୍ୟା ମନ୍ଦିରର ତୃତୀୟ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାରିପଦା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ପଣ୍ଡା, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଏବଂ ସ୍ତମ୍ଭକାର କବିବିଷ୍ଣୁ ଶତପଥି ଏବଂ ସମ୍ମାନିତ ଅତିଥି ଭାବରେ ଭାରତୀୟ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ, ଓଡ଼ିଶାର ସହ ସମ୍ପାଦକ ଜିତେନ୍ଦ୍ର କୁମାର ପ୍ରହରାଜ, ସ୍ଥାନୀୟ ଫ୍ରେଣ୍ଡସିପ କ୍ଲବର ସଭାପତି ସଜିତ କୁମାର ଦାସ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ କିଶୋର କୁମାର ମହାନ୍ତ, ରାଜେନ୍ଦ୍ର ନାଥ ମହାନ୍ତ ଓ ସମାଜସେବୀ ଯୋଗେଶ୍ୱର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ବିଦ୍ୟାଳୟର ଶିଶୁ ଭାଇ ଭଉଣୀ ମାନଙ୍କ କୃତିତ୍ୱ ବିଷୟରେ ଆଲୋଚନା କରିବା ସହ ବିଦ୍ୟାଳୟ ଏବଂ ଶିଶୁ ମାନଙ୍କ ଆଗାମୀ ଭବିଷ୍ୟତ କିପରି ସରସ ସୁନ୍ଦର ହେବ ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ସମ୍ପାଦିକା ରେଖାରାଣୀ ଦାସ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଭାଇ ଭଉଣୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ତା ପରେ ଶିଶୁ ମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିଶୁ ମାନେ ବିଭିନ୍ନ ନୃତ୍ୟ ଏବଂ ସଙ୍ଗୀତ ପରିବେଷଣ କରିଥିଲେ। ବିଦ୍ୟାଳୟର ସଦସ୍ୟ, ଶୁଭେଚ୍ଛୁ ଏବଂ ଗୁରୁଜୀ ଗୁରୁମା ପରିଚାଳନାରେ ସହଯୋଗ କରିଥିଲେ। ପୁଷ୍ପାଞ୍ଜଳି ଗୁରୁ ମା' ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସଭାପତି ଦିବ୍ୟଜ୍ୟୋତି ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସାମାଜିକ ସମରସତା ଶାନ୍ତି ପ୍ରଗତିର ମୂଳଭିତ୍ତି

ବାରିପଦା, ୧୮ ।୨(ସମିସ): ଭାରତୀୟ ଶିକ୍ଷଣ ମଣ୍ଡଳ, ମୟୂରଭଞ୍ଜର ଚତୁର୍ଥ ବୈଠକ ମୁର୍ଗାବାଡ଼ିସ୍ଥିତ ମୟୂରଭଞ୍ଜ ସିଭିଲ ସର୍ଭିସ ଏକାଡେମୀ ପରିସରରେ ଆୟୋଜିତ ହୋଇଯାଇଛି। ଆଲୋଚନାଚକ୍ରରେ ସାମାଜିକ ସମରସତା ହେଉଛି ଶାନ୍ତି, ପ୍ରଗତି ଓ ସୁସଭ୍ୟ ସମାଜର ମୂଳ ଭିତ୍ତି ବୋଲି ମତପ୍ରକାଶ ପାଇଥିଲା। ସାମାଜିକ ସମରସତାର ଅର୍ଥ କେବଳ ବିବାଦର ଅନୁପସ୍ଥିତି ନୁହେଁ ଏହାର ଅର୍ଥ ସମତା, ମର୍ଯ୍ୟାଦା ଓ ପରସ୍ପର ଗ୍ରହଣଶୀଳତା। ଆବାହକ ପ୍ରଫେସର ଡକ୍ଟର ସରୋଜ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଭାରତୀୟ ଶିକ୍ଷଣ ମଣ୍ଡଳ, ପୂର୍ବ ଓଡ଼ିଶା ପ୍ରାନ୍ତ ସଚିବ ଅଧ୍ୟାପକ ବିଶ୍ୱରଞ୍ଜନ ଘୋଷ, ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଙ୍ଘ, ଓଷ୍ଟାର ମୟୂରଭଞ୍ଜ ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପାଳତା, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ନିରୁପମା ନାୟକ, ବରିଷ୍ଠ ଶିକ୍ଷାବିତ୍ ଅମିତାଭ ମିଶ୍ର, ପ୍ରଦୀପ ଭଞ୍ଜଦେଓ ପ୍ରମୁଖ ଆଲୋଚକ ଭାବେ ଯୋଗଦେଇଥିଲେ। ସର୍ବେନ୍ଦୁ ରାମକୃଷ୍ଣନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସିଦ୍ଧି ବିନାୟକ ମନ୍ଦିର ପ୍ରତିଷ୍ଠା ପାଇଁ କଳସଯାତ୍ରା

ବାରିପଦା, ୧୮ ।୨(ସମିସ): ବାରିପଦା ସହର ୩ ନମ୍ବର ୱାର୍ଡ ଫରେଷ୍ଟ କଲୋନୀରେ ନବନିର୍ମିତ ଶ୍ରୀଶ୍ରୀ ସିଦ୍ଧିବିନାୟକଙ୍କ ନୂତନ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ଜନସାଧାରଣଙ୍କ ସହାୟତାରେ ୨୭ବର୍ଷ ଧରି ଚାଲିଥିବା ମନ୍ଦିର ନିର୍ମାଣ ଚୂଡ଼ାନ୍ତ ରୂପ ନେଇଛି। ପାର୍ଶ୍ୱ ଦେବତା ଭାବେ ମହାଦେବ ଓ ହନୁମାନଙ୍କ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ କରାଯାଉଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଉଦ୍ୟମରେ ପ୍ରତିଷ୍ଠିତ ମନ୍ଦିରର ମହାପୂଜା ଓ ହୋମଯଜ୍ଞ କାର୍ଯ୍ୟ ନିମନ୍ତେ ଭବ୍ୟ ଆୟୋଜନ କରାଯାଇଛି।



ବୁଧବାର ସକାଳୁ ବାରୁଣି ନିକଟସ୍ଥ ବୁଢ଼ାବଳଙ୍ଗ ନଦୀରୁ ଘଟୋତ୍ତଳନ କରାଯାଇଛି। ୩ ହଜାର ଏକ ଶହ ମହିଳା ମୁଣ୍ଡରେ କଳସ ଧରି ଏକ ଶୋଭାଯାତ୍ରାରେ ବାହାରି ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ। ସଂକୀର୍ତ୍ତନ, ଘଣ୍ଟ ଘଣ୍ଟା, ଶଙ୍ଖ, ହୁଳହୁଳି ଓ ହରିବୋଲ ଶବ୍ଦରେ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା। ଦୀର୍ଘଦିନର ପ୍ରୟାସ ସଫଳ ହେବାକୁ ଯାଉଥିବାରୁ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି, ନେତା, ବିଶିଷ୍ଟ ବ୍ୟକ୍ତି, ଧର୍ମ ପ୍ରଚାରକ, ସ୍ଥାନୀୟ ଜନସାଧାରଣ ଏବଂ ମାଆ ରାସେଶ୍ୱରୀ ଦେବୀ ମଧ୍ୟ ଉପସ୍ଥିତ ଥିଲେ। ଏହି ଶୋଭାଯାତ୍ରା ପାଇଁ ମନ୍ଦିର ଠାରୁ ବୁଢାବଳଙ୍ଗ ନଦୀକୂଳ ପର୍ଯ୍ୟନ୍ତ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ଭକ୍ତମାନେ ଘଟୋତ୍ତଳନ କରିବା ସହିତ ଶୃଙ୍ଖଳିତ ଭାବେ ପୂଜାସ୍ଥଳରେ ପହଞ୍ଚିଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏହି ମହୋତ୍ସବ ୫ ଦିନ ଧରି କରାଯିବାକୁ ସମସ୍ତ ପ୍ରସ୍ତୁତି ହୋଇଛି। ମୟୂରଭଞ୍ଜ ଜିଲ୍ଲା ସମେତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁମାନେ ଯୋଗଦେଇ ଆଶିଷ ଭିକ୍ଷା କରିଛନ୍ତି। ଅପରାହ୍ଣରେ ଭକ୍ତ ଓ ଜନସାଧାରଣଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏଭଳି ଉତ୍ସବକୁ ନେଇ ଜିଲ୍ଲାରେ ଖୁସିର ବାତବରଣ ଦେଖାଦେଇଛି।

ଅପହଞ୍ଚ ଇଲାକାରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା

# ୧୧ଟାରେ ଖୋଲି ମଧ୍ୟାହ୍ନ ଭୋଜନ ପରେ ବନ୍ଦ ହେଉଛି ସ୍କୁଲ

କପ୍ତିପଦା, ୧୮ ।୨(ସମିସ): ଅପହଞ୍ଚ ଅଞ୍ଚଳରେ ବିପର୍ଯ୍ୟସ୍ତ ହେଲାଣି ଶିକ୍ଷା ବ୍ୟବସ୍ଥା। ଭିତ୍ତିଭୂମି ଥିବାବେଳେ ଶିକ୍ଷକ ଶିକ୍ଷୟିତ୍ରୀ କିନ୍ତୁ ପାଳିରେ ଆସି ପାଠ ପଢ଼ାଇବା ଭଳି ଅଭିଯୋଗ ହେଉଛି। ଏପରିକି ୧୧ଟାରେ ସ୍କୁଲ ଖୋଲାଯାଉଥିବାବେଳେ ମଧ୍ୟାହ୍ନ ଭୋଜନ ପରେ ଅର୍ଥାତ୍ ଦିନ ୨ଟାରେ ବନ୍ଦ ହେଉଥିବା ଦେଖିବାକୁ ମିଳୁଛି। ରାମଚନ୍ଦ୍ରପୁର ପଞ୍ଚାୟତ ମହୁଲଡିହା ବିଦ୍ୟାଳୟରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ବିଦ୍ୟାଳୟରେ ୫ଟି ଶ୍ରେଣୀ ଥିବାବେଳେ ପିଲା ସଂଖ୍ୟା ୮୮ ରହିଛି। ଶିକ୍ଷକ ଶିକ୍ଷୟିତ୍ରୀ ୩ଜଣ ଥିବାବେଳେ ଜଣେ ଶିକ୍ଷକଙ୍କ ଦ୍ୱାରା ଚାଲିଛି ବିଦ୍ୟାଳୟ। ଏଠାରେ ଶତପ୍ରତିଶତ ଆଦିବାସୀ ବସବାସ କରୁଥିବାବେଳେ ରାସ୍ତା ଘାଟ ନଥିବାରୁ କେବେ ବି ଅଧିକାରୀଙ୍କ ପାଦ ପଡ଼ିନାହିଁ, ଯାହା ଫଳରେ ଶିକ୍ଷକ ଶିକ୍ଷୟିତ୍ରୀ ଠିକ୍ ସମୟରେ ଆସୁନଥିବା ଅଭିଯୋଗ ହେଉଛି। ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ବେହେରା ସପ୍ତାହରେ ଦିନେ ଦୁଇଦିନ ଆସୁଥିବାବେଳେ ସହକାରୀ ଶିକ୍ଷକ ରତିକାନ୍ତ ସିମନାକିଆ ସପ୍ତାହରେ ୩ ଦିନ ଓ ମହେଶ୍ୱର ସିଂ ସପ୍ତାହରେ ୩ ଦିନ ଆସନ୍ତି। ତେଣୁ ପ୍ରତ୍ୟେକ ଦିନ ପିଲାଙ୍କ ଉପସ୍ଥାନ ୮ରୁ ୧୫ ମଧ୍ୟରେ ରହୁଛି। ପ୍ରତିଦିନ କିନ୍ତୁ ମଧ୍ୟାହ୍ନ ଭୋଜନ ୮୮ଜଣଙ୍କର ପକାଯାଉଛି। ପ୍ରଧାନ ଶିକ୍ଷୟିତ୍ରୀ ସୁଦୂର ଭଦ୍ରକ ଅଞ୍ଚଳରୁ ଆସୁଥିବା ବେଳେ ରତିକାନ୍ତ ସିମନାକିଆ କଳମଗଡ଼ିଆରେ ରହି ବିଦ୍ୟାଳୟକୁ ଯାନ୍ତି। ଆଉଜଣେ ଶିକ୍ଷକ ଉଦଳା ଅଞ୍ଚଳରୁ ଆସୁଥିବାରୁ ସପ୍ତାହରେ ୩ ଦିନ ଆସନ୍ତି। ଅପହଞ୍ଚ ଆଦିବାସୀ ଅଞ୍ଚଳ ହୋଇଥିବାରୁ ଶିକ୍ଷକ କେତେବେଳେ ଆସନ୍ତି, ବିଦ୍ୟାଳୟ କେମିତି ଚାଲେ ସେ ବିଷୟରେ ଅଭିଭାବକ କିଛି ଜାଣିବାକୁ ମଧ୍ୟ ଆଗ୍ରହ ପ୍ରକାଶ କରନ୍ତିନାହିଁ। ଏ ବିଷୟରେ ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ବେହେରାଙ୍କୁ ଯୋଗାଯୋଗ କରିବାରୁ ଫୋନ୍ ଉଠାଇ ନ ଥିଲେ। ଦାୟିତ୍ୱରେ ଥିବା ଏବିଓ ଘନଶ୍ୟାମ ସିଂଙ୍କୁ ପଚାରିବାରେ ବର୍ତ୍ତମାନ ଜଣେ ମାତ୍ର ଏବିଓ ଅଛନ୍ତି, ସିଆର୍‌ସିସିମାନଙ୍କ ବିଭିନ୍ନ ଟ୍ରେନିଂ ରହୁଥିବାରୁ ବିଦ୍ୟାଳୟ ପରିଦର୍ଶନରେ ତ୍ରୁଟି ରହୁଛି। ତେବେ ଦାୟିତ୍ୱ ନେଇ ଏହି ବିଦ୍ୟାଳୟ ସମ୍ପର୍କରେ ତଦନ୍ତ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି କହିଛନ୍ତି।



# ବାବା ମହାକାଳେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠା

ଉଦଳା, ୧୮ ।୨(ସମିସ): ମା' ତାରିଣୀ ମନ୍ଦିର ଖଣ୍ଡିହୁଡ଼ି ପରିସରରେ ନିର୍ମିତ ବାବା ମହାକାଳେଶ୍ୱର ମନ୍ଦିରର ପ୍ରତିଷ୍ଠା କରାଯାଇଛି। ବୁଧବାର ଶ୍ରୀଜଗନ୍ନାଥ ଧାମ ପୁରୀ ଶ୍ରୀମନ୍ଦିରରୁ ଅଣାଯାଇଥିବା ଆଜ୍ଞାମାଳକୁ ବସଷ୍ଟାଣ୍ଡସ୍ଥିତ ମା'ଜଗଦ୍ଧାତ୍ରୀଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇ ଏକ ବିଶାଳ ଶୋଭାଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଏହି ପରିକ୍ରମା ଉଦଳାର ମୁଖ୍ୟ ବଜାର ରାସ୍ତା ଦେଇ ମା ତାରିଣୀ ମନ୍ଦିର ଖଣ୍ଡିହୁଡ଼ି ପରିସରରେ ନିର୍ମିତ ବାବା ମହାକାଳେଶ୍ୱରଙ୍କ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବହୁ ଶ୍ରଦ୍ଧାଳୁ ସାମିଲ୍ ହୋଇଥିଲେ। ଭଗବାନଙ୍କ ନାମ ସଙ୍କୀର୍ତ୍ତନ ପୂର୍ବକ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ଶୋଭାଯାତ୍ରା ମନ୍ଦିର ପ୍ରାଙ୍ଗଣକୁ ଯାଇଥିଲା। ସେଠାରେ ହିନ୍ଦୁ ପରମ୍ପରା ଆଧାରିତ ବୈଦିକ ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା ପୂର୍ବକ ବାବା ମହାକାଳେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠା (ଦଧି ନଉତି ସ୍ଥାପନ ଅଙ୍କୁରା ରୋପଣ) ମହାଆଡମ୍ବରରେ କରାଯାଇଥିଲା। ତତ୍ପରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯିବା ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସଭାପତି ଶ୍ରୀବତ୍ସ କଳିଆ, ସମ୍ପାଦକ ବିଶ୍ୱନାଥ ବେହେରା, ଉପ ସଭାପତି ପୂର୍ବତନ ଜନପ୍ରିୟ ବିଧାୟକ ଶ୍ରୀନାଥ ସୋରେନଙ୍କ ସମେତ ସମସ୍ତ ଟ୍ରଷ୍ଟି ସଦସ୍ୟ/ସଦସ୍ୟା, ଆଜୀବନ ସଦସ୍ୟ/ସଦସ୍ୟା, ଉଦଳା ବସ୍‌ଷ୍ଟାଣ୍ଡ ସଂଘର ସମସ୍ତ ସଦସ୍ୟ, ତତ୍‌ସହ ଉଦଳାର ଜନସାଧାରଣ ତଥା ଅସଂଖ୍ୟ ଶ୍ରଦ୍ଧାଳୁ ଉକ୍ତ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ। ତିନି ଦିନ ଧରି ଟ୍ରଷ୍ଟର ନିଷ୍ପତ୍ତି କ୍ରମେ ଘଟୋତ୍ତଳନ, ଶାଳା ପ୍ରବେଶ ଓ ଯଜ୍ଞ ଆରମ୍ଭ, ଗୁରୁ ପୂଜା, ସୂର୍ଯ୍ୟ ପୂଜା, ଦେବତା ସ୍ନାନ, ମାର୍ଜନ, ଯନ୍ତ୍ର ସ୍ଥାପନ ଓ ନ୍ୟାସ, ଯଜ୍ଞର ଶେଷ ଭାଗ ପୂର୍ଣ୍ଣାହୁତି ଓ ଶତାୟୁ ସ୍ତ୍ରୀ/ପୁରୁଷଙ୍କ ଆଶିଷ ଗ୍ରହଣ କାର୍ଯ୍ୟକ୍ରମ ହେବା ସହ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉକ୍ତ ତିନି ଦିନ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏଣୁ ଟ୍ରଷ୍ଟ ପକ୍ଷରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେବାକୁ ଅନୁରୋଧ କରାଯାଇଛି।



## ପାଣି ସମସ୍ୟାର ସମାଧାନ ଦାବିରେ ବିକ୍ଷୋଭ



ରାଜଘାଟ,୧୮।୨(ସମିସ): ବସ୍ତାବ୍ଲକ ଦୁଧହଂସା ପଞ୍ଚାୟତ ଅନ୍ତର୍ଗତ ବେଡାକଣା ଗାଁର ପିଇବା ପାଣି ସମସ୍ୟା ଗମ୍ଭୀର ରୂପ ଧାରଣ କରିଛି। ଏହି ଗାଁରେ ପାଖାପାଖି ଏକ ହଜାରରୁ ଉର୍ଦ୍ଧ ଲୋକ ବସବାସ କରନ୍ତି। ଦୀର୍ଘ ଦିନ ଧରି ଏହି ଗ୍ରାମରେ ପିଇବା ପାଣିର ସମସ୍ୟା ଲାଗି ରହିଛି। ଏଠାରେ ଏକ ପାଣି ଟାଙ୍କି ନିର୍ମାଣଧୀନ ରହିଥିବା ବେଳେ ଏହି ପ୍ରକଳ୍ପରୁ କିଛିଦିନ ହେବ ଲୋକେ ପାଣି ପାଉନାହାନ୍ତି। ଯାହା ଫଳରେ ଲୋକେ ଦୈନଦିନ ଜୀବନରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଗୁହାରି କଲେ ମଧ୍ୟ କେହି ଶୁଣୁନାହାନ୍ତି ବିଭିନ୍ନ ଆଳ ଦେଖାଇ ଅଧିକାରୀ ଖସିଯିବାକୁ ଚେଷ୍ଟା କରୁଛନ୍ତି ବୋଲି ଲୋକେ ଅଭିଯୋଗ ଆଣିଛନ୍ତି। ଯାହା ଫଳରେ ଆଜି ବହୁ ମହିଳା ଜିଲ୍ଲା କଂଗ୍ରେସ କମିଟିର ସଭାପତି ସୁଧାଂଶୁ ଶେଖର ଜେନାଙ୍କ ନେତୃତ୍ୱରେ ବିଭାଗୀୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସିଥିବା ବେଳେ ଦିନ ଏଗାରଟା ବେଳେ କାର୍ଯାଳୟରେ ତାଲା ପଡିଥିଲା। ଯାହାଫଳରେ ମହିଳା ମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯୁବ ନେତା ସୁଧାଂଶୁ ଯେନା ବିଭାଗୀୟ ଯନ୍ତ୍ରୀଙ୍କ ସହିତ ଫୋନରେ ଯୋଗାଯୋଗ କଲାପରେ ଦୁଇ ଦିନ ଭିତରେ ସମସ୍ୟା ସମାଧାନ ହୋଇଯିବ ସେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯଦି ଦୁଇ ଦିନ ଭିତରେ ଏହି ଗ୍ରାମର ପିଇବା ପାଣି ସମସ୍ୟା ସମାଧାନ ନହୁଏ ତାହେଲେ ଆନ୍ଦୋଳନ ଜୋରଦାର ହେବ ବୋଲି ଲୋକେ କଡ଼ା ଚେତାବନୀ ଦେଇଛନ୍ତି।

### ଆରମ୍ଭ ହେଲା ଯୁକ୍ତଦୁଇ ପରୀକ୍ଷା

# ମାତୃଭାଷା ଓଡ଼ିଆ ପରୀକ୍ଷା ଦେଲେ ୮୪୨୮ ବିଜ୍ଞାନ ଛାତ୍ରଛାତ୍ରୀ

ବାଲେଶ୍ୱର,୧୮।୨(ସମିସ)





୨୮ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଆଜି ଠାରୁ ଆରମ୍ଭ ହୋଇଛି। ସେହି କ୍ରମରେ ଆଜି ବାଲେଶ୍ୱର ଜିଲ୍ଲାର ୬୮ଟି କେନ୍ଦ୍ରରେ ପରୀକ୍ଷା କରାଯାଇଛି। ଚଳିତ ବର୍ଷ ୨୨ହଜାର ୩୦୧ଜଣ ପରୀକ୍ଷାର୍ଥିଙ୍କ ମଧ୍ୟରୁ ୧୨ ହଜାର ୫୬୨ଜଣ କଳା, ୮ହଜାର ୪୨୮ଜଣ ବିଜ୍ଞାନ, ୯୬୫ ଜଣ ବାଣିଜ୍ୟ ଏବଂ ୩୫୫ଜଣ ଧନ୍ଦାମୂଳକ ପରୀକ୍ଷାର୍ଥୀ ଅଛନ୍ତି। ପ୍ରଥମ ଦିନରେ ବିଜ୍ଞାନ ବିଭାଗରେ ମାତୃଭାଷା ଓଡ଼ିଆରେ ବିଷୟରେ ପରୀକ୍ଷା କରାଯାଇଛି। ଏଥିପାଇଁ ଶିକ୍ଷା ପରିଷଦ ପକ୍ଷରୁ ପୂର୍ବରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଥିଲା। ଚଳିତବର୍ଷ ଜିଲ୍ଲାରେ ୧୩ଟି ହବ୍‌ରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ପ୍ରଶ୍ନପତ୍ର ଗଚ୍ଛିତ ରଖାଯାଇଛି। ପରୀକ୍ଷା ପରିଚାଳନା ପାଇଁ ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାଲେଶ୍ୱରରେ ମୋଟ୍ ୮ହଜାର ୪୨୮ଜଣ ବିଜ୍ଞାନ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ସେଥି ମଧ୍ୟରୁ ୨୮ଜଣ ଛାତ୍ର ଛାତ୍ରୀ ଅନୁପସ୍ଥିତ ରହିଛନ୍ତି। ଦିନ ଦଶଟାରୁ ପରୀକ୍ଷା ଆରମ୍ଭ ଗୋଟାଏରେ ସରିଥିଲା। ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବା ପୂର୍ବରୁ ସମସ୍ତଙ୍କୁ ଯାଞ୍ଚ କରାଯାଇ ଭିତରକୁ ଛଡ଼ା ଯାଇଥିଲା। ତେବେ ପରୀକ୍ଷାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଜିଲ୍ଲାର ବିଭିନ୍ନ ପରୀକ୍ଷା କେନ୍ଦ୍ର ଭଳି ସହରର ଫକୀର ମୋହନ ଜୁନିୟର୍ କଲେଜ୍ରେ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ ମାନେ ମାତୃଭାଷା ଓଡ଼ିଆ ବିଷୟରେ ପରୀକ୍ଷା ଦେଇଥିଲେ। ପ୍ରଥମ ଦିନ ଫକୀର ମୋହନ ଯୁକ୍ତ ଦୁଇ କଲେଜର ବିଜ୍ଞାନରେ ୩୭୬ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୭ଟି ରେସିଡେନ୍ସିଆଲ କଲେଜର ୯୦୩ ଜଣ ଛାତ୍ରଛାତ୍ରୀଙ୍କୁ ମିଶାଇ ମୋଟ୍ ୧୨୭୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି ଓ ସିଏଚଏସିର ନିୟମ ଅନୁସାରେ ପରୀକ୍ଷା ପରିଚାଳନା କରାଯାଇଛି। ପରୀକ୍ଷା କେନ୍ଦ୍ରକୁ କୌଣସି ପ୍ରକାର ଇଲେକ୍ଟ୍ରୋନିକସ ଗ୍ୟାଜେଟ୍ ଛଡ଼ାଯାଉ ନାହିଁ ବୋଲି ଅଧ୍ୟକ୍ଷା ଡ. ସୋନାଲିସା ମହାନ୍ତି ସୁଚନା ଦେଇଛନ୍ତି। ସେହିପରି କଲେଜ କ୍ୟାମ୍ପସ୍‌ରେ ଏ.ଆଇ. କ୍ୟାମେରା ଲଗାଯାଇଛି। ପରୀକ୍ଷା ପରିଚାଳନା ପାଇଁ କଲେଜ୍ ବ୍ୟତୀତ ଜିଲ୍ଲାଶିକ୍ଷା ବିଭାଗ, ବ୍ଲକ୍ ଶିକ୍ଷା ବିଭାଗ ତରଫରୁ ହାଇସ୍କୁଲର ଶିକ୍ଷକ,ଶିକ୍ଷୟିତ୍ରୀ ମାନଙ୍କୁ ନିଯୁକ୍ତି ଦିଆଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସୁରୁଖୁରେ ପରୀକ୍ଷା ଶେଷ ହେବ ବୋଲି ଅଧ୍ୟକ୍ଷା ଆଶା ପ୍ରକାଶ କରିଛନ୍ତି।

## ବିଚିତ୍ରପୁରରେ ପ୍ଲାଷ୍ଟିକମୁକ୍ତ ପରିବେଶ ସଚେତନତା ଶିବିର



ଚନ୍ଦନେଶ୍ୱର,୧୮।୨ (ସମିସ): ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଭୋଗରାଇର ବିଚିତ୍ରପୁର ଇକୋ ଟୁରିଜିମ୍‌ଠାରେ ବୁଧବାର ପ୍ଲାଷ୍ଟିକ ମୁକ୍ତ ପରିବେଶ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଆୟୋଜିତ ସଚେତନତା ସଭାକୁ ଉଦୟପୁର ବନପାଳ ସଞ୍ଜୟ କୁମାର ମହାନ୍ତି ସଂଚାଳନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ବନ୍ୟପ୍ରାଣୀ ବନାଂଚଳର ସହକାରୀ ବନ ସଂରକ୍ଷକ ଜୟଶ୍ରୀ ମୁର୍ମୁ ଯୋଗଦେଇ ପ୍ଲାଷ୍ଟିକର ବହୁଳ ବ୍ୟବହାର ଫଳରେ ମାଟି, ପାଣି ଓ ପବନ ପ୍ରଦୁଷିତ ହେଉଛି। ଖାଲି ସେତିକି ନୁହେଁ, ଜୀବଜନ୍ତୁ ମାନେ ମଧ୍ୟ ବ୍ୟାପକ ପରିମାଣରେ ପ୍ରଭାବିତ ହେଉଛନ୍ତି। ତେଣୁ ଏକ ସୁସ୍ଥ ପରିବେଶ ଗଠନ ପାଇଁ ପ୍ଲାଷ୍ଟିକ ବର୍ଜନ କରିବା ଜରୁରୀ। ଆଗାମୀ ଦିନରେ ଉଦୟପୁର, ତାଳସାରୀରେ ମଧ୍ୟ ସଚେତନ କରାଯିବ ବୋଲି କହିଥିଲେ। କାନ୍ଥଭଡଁରୀ ସରପଞ୍ଚଙ୍କ ପ୍ରତିନିଧ ଶ୍ରୀହରି ଜେନା ଯୋଗଦେଇ ଜରିଠାରୁ ଆରମ୍ଭ କରି ପ୍ରତିଟି ପ୍ଲାଷ୍ଟିକ ଜିନିଷ ବ୍ୟବହାର ଉପରେ ଆମେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇ ଗଲୁଣି। ତେବେ ଏବେଠୁ ସଚେତନ ନହେଲେ ଏହାର କୁପ୍ରଭାବ ଆଗାମୀ ଦିନରେ ଆମକୁ ଭୋଗିବାକୁ ପଡିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଣସିଂହପୁର ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବବ୍ରତ ଜେନା, କାନ୍ଥଭଡଁରୀ ପଂଚାୟତର ସମିତି ସଦସ୍ୟ ପ୍ରଦୀପ ଦାସ, ବିଚିତ୍ରପୁର ଇକୋ ଟୁରିଜିମର ସଭାପତି ଶମ୍ଭୁନାଥ ମାଝୀ, ପ୍ରକୃତି ନିବାସର ସଭାପତି ବଳରାମ ପାତ୍ର, ରଣସିଂହପୁର ଆଶ୍ରମ ବିଦ୍ୟାଳୟର ସହକାରୀ ଶିକ୍ଷକ ମନୋରଞ୍ଜନ ସିଂ ପ୍ରମୁଖ ଯୋଗଦେଇ ପ୍ଲାଷ୍ଟିର ଭୟାବହତା ସମ୍ପର୍କରେ ସଚେତନ କରାଇ ଥିଲେ। ଏଫଏନଜିଓ ବିଏସଏସଏସର ଟିମ୍ ଲିଡର ଚନ୍ଦ୍ର ଶେଖର ପଣ୍ଡା, କ୍ଲଷ୍ଟର ସଂଯୋଜକ ଅରବିନ୍ଦ ପାତ୍ର, ଶିବାୟନ ଜେନା ଉପସ୍ଥିତ ରହିଥିଲେ।ଏହି ଅବସରରେ କ୍ଲଷ୍ଟର ପରିବେଶ ସାଥୀମାନଙ୍କ ଦ୍ୱାରା ପ୍ଲାଷ୍ଟିକ ସଚେତନତା ଏକ କ୍ଷୁଦ୍ର ନାଟକ ପରିବେଷଣ ହେବା ସହିତ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସଚେତନତା ରାଲି ଗାଁ ପରିକ୍ରମା କରିବା ସହ ପର୍ଯ୍ୟଟକ ଏବଂ ବ୍ୟବସାୟୀମାନଙ୍କୁ ସଚେତନ କରିଥିଲେ।

## ନିଶିତ ବାରିକ ନରେଗା ନୂତନ ଜିଲ୍ଲା ସଂଯୋଜକ

ବାଲେଶ୍ୱର,୧୮।୨(ସମିସ): ମନରେଗା ବଂଚାଅ ସଂଗ୍ରାମ ପଇଁ ପିସିସି ପକ୍ଷରୁ ବିଭିନ୍ନ ଜିଲ୍ଲା ପାଇଁ ସଂଯୋଜକ ନିଯୁକ୍ତି ହୋଇଥିବା ବେଳେ ବାଲେଶ୍ୱର ଜିଲ୍ଲାର ସଂଯୋଜକ ନୀଶିତ ବାରିକଙ୍କୁ ନିଯୁକ୍ତି କରାଯାଇଛି। ସୂଚନାଯୋଗ୍ୟ ଯେ,ଚଳିତ ମାସ ଜିଲ୍ଲା କଂଗ୍ରେସ କମିଟିରେ ସାଧାରଣ ସଂପାଦକ ଭାବେ ନିଯୁକ୍ତି ପାଇଥିବା ହେତୁ ମନରେଗା ଜିଲ୍ଲା ସଂଯୋଜକ ଭାବେରେ ଗୁରୁ ଦାୟିତ୍ୱ ଦେଇଥିବାରୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା,ମନରେଗାର ଅଧ୍ୟକ୍ଷ ଶରତ ରାଉତ ଏବଂ ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଠିକାଦାର ସଂଘର ଜରୁରୀ ବୈଠକ




ବାଲେଶ୍ୱର,୧୮।୨(ସମିସ): ବିଗତ ସରକାର ଓ ବର୍ତମାନର ସରକାରଙ୍କ ଅମଳରେ ରାଜ୍ୟର ଠିକାଦାରମାନଙ୍କ ଅବସ୍ଥା ବେହାଲ ହୋଇଯାଇଛି। ତେଣୁ ଠିକାଦାରମାନେ ଏବେ କାମ ପାଉ ନାହାନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ରାଜ୍ୟ ଠିକାଦାର ସଂଘ ସରକାରଙ୍କୁ ନିଜ ସମସ୍ୟା ସମ୍ପର୍କରେ ଅବଗତ କରିବା ପାଇଁ ଚଳିତ ମାସ ୨୦ ତାରିଖରେ ବିଧାନସଭା ଘେରାଓ କରିବାକୁ ନିଷ୍ପତ୍ତି ନେଇଛି। ରାଜ୍ୟ ସଂଘର ନିର୍ଦ୍ଦେଶ କ୍ରମେ ସଂପ୍ରତି ବାଲେଶ୍ୱର ସହରର ପୌରପାଳିକାରେ ଠିକାଦାରମାନଙ୍କ ପକ୍ଷରୁ ଏକ ଜରୁରି ବୈଠକ ପୌରପାଳିକା କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଠିକାଦାର ରାମଚନ୍ଦ୍ର ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ। ସେମାନଙ୍କ କହିବା ମୁତାବକ ଠିକାଦାରମାନେ ଟେଣ୍ଡର ମୂଲ୍ୟର ୧୪.୬% କମ୍‌ରେ ଟେଣ୍ଡର ପକାଇବାର ସରକାରୀ ନିଷ୍ପତ୍ତି ଯୋଗୁଁ ସେମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ଟେଣ୍ଡର ପକାଇଲା ବେଳେ ଠିକାଦାରମାନେ କମ୍ ମୂଲ୍ୟରେ ଟେଣ୍ଡର ପକାଇବାକୁ ନୀତିଗତ ଭାବେ ଆଲୋଚନା ପରେ ନିଷ୍ପତି ନିଆଯାଇଛି। ଏହା ସହିତ ଆଗାମୀ ୨୦ ତାରିଖରେ ଓଡ଼ିଶା ରାଜ୍ୟ ଠିକାଦାର ସଂଘର ପରାମର୍ଶ କ୍ରମେ ବାଲେଶ୍ୱରର ଠିକାଦାରମାନେ ମଧ୍ୟ ବିଧାନସଭା ଘେରାଓ କରି ନିଜର ଦାବି ହାସଲ ପାଇଁ ବିକ୍ଷୋଭ କରିବାକୁ ବୈଠକର ନିଷ୍ପତି ନିଆଯାଇଛି। ଏହା ସହିତ ଟେଣ୍ଡର ସହ୍ୱେ ଲଟେରୀ ମାଧ୍ୟମରେ ନିର୍ଦ୍ଦିଷ୍ଟ କାର୍ଯ୍ୟାଦେଶ ଉପରେ ଜଣେ କାମ କରିବା ବୋଲି ବୈଠକରେ ନୀତିଗତ ଭାବେ ନିଷ୍ପତି ନିଆଯାଇଛି। ବୈଠକରେ ଜିତେନ୍ଦ୍ର ପ୍ରଧାନ, ସୁଜୀତ ମାଝୀ, ପ୍ରଶାନ୍ତ କୁମାର ପଣ୍ଡା, ହରି ମଲ୍ଲିକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଦୁଇ ଲୁଟେରା ଗିରଫ, ଦୁଇ ସୁନାହାର ଜବତ

ବାଲେଶ୍ୱର,୧୮।୨(ସମିସ): ଗତ ମାସ ସପ୍ତାହରେ ସହରରେ ଘଟିଥିବା ଦୁଇଟି ଛିନ୍ତାଇ ମାମଲାର ସହଦେବଖୁଂଟା ପୁଲିସ ପର୍ଦାଫାସ କରିଛି। ଦୁଇ ଜଣ ଲୁଟେରାକୁ ଗିରଫ କରିବା ସହ ୨୮ଗ୍ରାମରୁ ଅଧିକ ଦୁଇଟି ସୁନା ହାର ଜବତ କରିବା ସହ ଗୋଟିଏ ବାଇକ ମଧ୍ୟ ଜବତ କରିଛି। ଏନେଇ ଦୁଇଟି ଭିନ୍ନ ଭିନ୍ନ ମାମଲା ରୁଜୁ କରିଛି। ଗିରଫ ହୋଇଥିବା ଲୁଟେରାମାନେ ହେଲେ, ସହଦେବଖୁଂଟା ଥାନା ଅର୍ନ୍ତଗତ ଅରଡବଜାର ଅଂଚଳର ସେକ ଚାନ୍ଦ(୨୦) ଏବଂ କେଶପୁର ଅଂଚଳର ଦୀପକ ସାହୁ(୨୦) ବୋଲି ସହଦେବଖୁଂଟା ଥାନା ଅଧିକାରୀ ବିରଂଚି ସାହୁ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ,ଗତ ମାସ ୨୯ତାରିଖରେ ଭୀମପୁରା ଅଂଚଳର ସୁବ୍ରତାମଣୀ ବେହେରା ନାମକ ଜଣେ ମହିଳା ସକାଳ ୬ଟାରେ ନିକଟସ୍ଥ ସେଂଟ ଥୋମାସ ସ୍କୁଲ ନିକଟକୁ ଫୁଲ ତୋଳିବାକୁ ଆସିଥିଲେ। ଏହି ସମୟରେ ଦୁଇ ଜଣ ଯୁବକ ଏକ ମୋଟର ସାଇକେଲରେ ଆସି ତାଙ୍କୁ କିଛି ପଚାରିଥିଲେ। ଏଣୁ ମହିଳା ଜଣଙ୍କ ବୁଲିପଡି ତାଙ୍କୁ କିଛି ଦେଖାଉଥିବା ବେଳେ ଜଣେ ଯୁବକ ତାଙ୍କ ବେକରୁ ସୁନା ଚେନ ଛିନ୍ତାଇ କରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ସେହିଭଳି ଉକ୍ତ ଦିନ ସକାଳ ୭ଟା ସମୟରେ କାଳଶ୍ରୀଦାସ ମହାପାତ୍ର ନାମକ ଜଣେ ମହିଳା ନୂଆବଜାର ବ୍ୟାଙ୍କ କଲୋନୀଠାରେ ଠିଆ ହୋଇଥିବା ବେଳେ ଦୁଇଜଣ ଯୁବକ ଆସି ତାଙ୍କ ବେକରୁ ସୁନା ଚେନ ଛିନ୍ତାଇ କରି ଫେରାର ହୋଇଯାଇଥିଲେ। ଏହି ଦୁଇଟି ଘଟଣାକୁ ନେଇ ତଦନ୍ତ ଚାଲୁ ରହିଥିଲା। ତଦନ୍ତ ସମୟରେ ସିସିଟିଭି ଫୁଟେଜରୁ ସେକ ଚାନ୍ଦ ଏବଂ ଦୀପକ ବୋଲି ଜଣାପଡ଼ିଥିଲା। ଏଣୁ ସେ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୧୬.୪୦ଗ୍ରାମ ଏବଂ ୧୧.୮୯ଗ୍ରାମର ଦୁଇଟି ସୁନାଚେନ ଜବତ କରିଛି। ଏହାଛଡା ଛିନ୍ତାଇରେ ବ୍ୟବହାର ହୋଇଥିବା ଗାଡିକୁ ମଧ୍ୟ ଜବତ କରିଛି ବୋଲି ସୂଚନା ଦେଇଛନ୍ତି। ଏହାଛଡା ସେକ ଚାନ୍ଦ ନାମରେ ପୂର୍ବରୁ ସହଦେବଖୁଂଟା ଥାନାରେ ୨ଟି ମାମଲା ରହିଛି। ସେହିପରି ଦୀପକ ନାମରେ ଟାଉନଥାନାରେ ଦୁଇଟି,ସଦର ଥାନାରେ ଗୋଟିଏ, ସହଦେବଖୁଂଟା ଥାନାରେ ଗୋଟିଏ,ଶିଳ୍ପାଂଚଳ ଥାନାରେ ଗୋଟିଏ ମାମଲା ରହିଛି ବୋଲି ସୂଚନା ଦେଇଛନ୍ତି।

## ନରହରିପୁର ଗ୍ରାମୀଣ କ୍ରିକେଟ ଫେଷ୍ଟିଭାଲ ଉଦ୍‌ଘାଟିତ

ରେମୁଣା,୧୮।୨(ସମିସ): ରେମୁଣା ଏନଏସି ଅନ୍ତର୍ଗତ ୮ ନମ୍ବର ୱାର୍ଡ ନରହରିପୁର ପଡିଆରେ ନରହରିପୁର ଗ୍ରାମୀଣ କ୍ରିକେଟ ଫେଷ୍ଟିଭାଲ ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୬ଟି ଟିମ ଅଂଶଗ୍ରହଣ କରିଛନ୍ତି। ଆଜି ସୋମନାଥପୁର ସ୍ପୋର୍ଟିଂ ଏବଂ ଆରମଳା ପଞ୍ଚାୟତ ମଧ୍ୟରେ ଖେଳ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ରେମୁଣା ଏନଏସିର ଅଧ୍ୟକ୍ଷା ତନୁଜା ଗିରି ଫିତା କାଟି ଉଦଘାଟନ କରି ଖେଳାଳି ମାନଙ୍କ ମଧ୍ୟରେ ଭାଇଚାରା ବଞ୍ଚାଇ ରଖିବା ସହିତ ଖେଳାଳି ମାନଙ୍କୁ ଶାନ୍ତି ଶୃଙ୍ଖଳାର ସହ ଖେଳ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ୮ ନମ୍ବର ୱାର୍ଡ କାଉନସିଲର କୁନ୍ତଳା ତରେଇ ଉପସ୍ଥିତ ଥିଲେ। ଅନିରୁଦ୍ଧ ଲେଙ୍କା ସଭାପତିତ୍ୱ କରିଥିଲେ। ଏନ.ଏ. ସି ଉପାଧ୍ୟକ୍ଷ ଆହିସାନ ଖାଁ, ସମ୍ପାଦକ ସଞ୍ଜୟ ଗୋପାଳ ବେହେରା, ସହ ସମ୍ପାଦକ ରବିନାରାୟଣ ପତି, ଯୁଗ୍ମ ସମ୍ପାଦକଗୌର ଗୋପାଳ ସାହୁ, ପୂର୍ବତନ ଶିକ୍ଷୟିତ୍ରୀ ସୁଧାରାଣୀ ସାହୁ, ସନ୍ଦୀପ ରାଉତ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରୁଥିଲେ। ଚୈତନ୍ୟ ମାଝୀ, କାର୍ତ୍ତିକ ଦାସ, ରବୀନ୍ଦ୍ର ମାଝୀ, ରତିକାନ୍ତ ଦାସ, ସମର ମହାରଣା ସହଯୋଗର ହାତ ବଢ଼ାଇ ଥିଲେ।

## ଶ୍ରୀଗଣେଶ ଶିଶୁ ମନ୍ଦିରର ବାର୍ଷିକୋତ୍ସବ




ଖଇରା,୧୮।୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡସ୍ଥିତ ଶ୍ରୀ ଗଣେଶ ଶିଶୁ ମନ୍ଦିରର ୨୩ତମ ବାର୍ଷିକୋତ୍ସବ ମଙ୍ଗଳବାର ଦିନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ପରିଚାଳନା କମିଟି ସଭାପତି ସନ୍ଧ୍ୟାରାଣୀ ଦାସଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ମଦନମୋହନ ମହଲା ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରାଣବନ୍ଧୁ ପଣ୍ଡା ମୁଖ୍ୟବକ୍ତା, ପ୍ରାକ୍ତନ ଅଧ୍ୟକ୍ଷ ଅରୁଣ କୁମାର ପାଢୀ, ଅବସରପ୍ରାପ୍ତ ଅଧ୍ୟାପକ ଅଭୟ ମହାନ୍ତି, ସମିତିସଭ୍ୟା ବାସନ୍ତିଲତା ମହାନ୍ତି, ସିଆରସିସି ଉଦୟଭାନୁ ପତି, ପ୍ରଧାନଶିକ୍ଷୟିତ୍ରୀ ସବିତା ଜେନା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପିଲାର ମଙ୍ଗଳ ପାଇଁ ସେମାନଙ୍କୁ ଯେତେ ଦୂର ସମ୍ଭବ ମୋବାଇଲ ଠାରୁ ଦୁରେଇ ରଖିବାକୁ ଅତିଥି ମାନେ ପରାମର୍ଶ ଦେଇଥିଲେ। ସମ୍ପାଦିକା ମମତାରାଣି ଦଳେଇ ବିବରଣୀ ପାଠ, ନିର୍ବିକଳ୍ପ ଦାସ ଧନ୍ୟବାଦ ଅର୍ପଣ ଓ ସୁବାସ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ। ପିଲା ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ସହ ସଭା ପରେ ଗଣେଶ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶିତ ସଂସ୍କାର ଭିତ୍ତିକ କ୍ଷୁଦ୍ର ନାଟକ ପିତୃପିଣ୍ଡ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା।

## ୧୫ବର୍ଷ ପରେ ପୂରଣ ହେଲା ଶିଶୁ ବିଶେଷଜ୍ଞ ପଦ

ଖଇରା,୧୮।୨ (ସମିସ): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଶିଶୁ ରୋଗ ବିଶେଷଜ୍ଞ ଭାବେ ଡା. ବ୍ରଜ ସୁନ୍ଦର ସ୍ୱାଇଁ ମଙ୍ଗଳବାର କାର୍ଯ୍ୟରେ ଯୋଗ ଦାନ କରିଛନ୍ତି। ଖଇରାରେ ଏହି ପଦବୀ ୧୫ ବର୍ଷ ଧରି ଖାଲି ରହିବା ପରେ ଉକ୍ତ ପଦବୀ ପୂରଣ ପାଇଁ ବାରମ୍ବାର ଦାବୀ ହୋଇ ଆସୁଥିଲା। ଶେଷରେ ସୋରରେ କାର୍ଯ୍ୟରତ ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତ ବଗେଇପୁର ଗ୍ରାମର ନିଜ ଅଞ୍ଚଳର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଖଇରା ବ୍ଲକର ୩୭ ପଞ୍ଚାୟତର ଜନସାଧାରଣ ଖୁସି ଜାହିର କରିଛନ୍ତି।



## ରାଣୀଖୁଡି ସରକାରୀ ୟୁପି ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲିଆପାଳ, ୧୮।୨ (ସମିସ): ବ୍ଲକ ରାଣୀଖୁଡି ସରକାରୀ ୟୁପି ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତପନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ ଜଗତିପୁର ଗ୍ରାମ ପଂଚାୟତ ସରପଞ୍ଚ ସୁବାସ ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଭାବେ ସମିତି ସଭ୍ୟ ଶାନ୍ତନୁ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ସିଆରସିସି ଶମ୍ଭୁନାଥ ସାହୁ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ପ୍ରାମାଣିକ, ଭଗବାନ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାଳିଚରଣ ଜେନା ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଦ୍ୟାର୍ଥୀଙ୍କ ମାର୍ଗଦର୍ଶନ କରାଯାଇଥିଲା। ପ୍ରାରମ୍ଭରେ ଶିକ୍ଷକ କାର୍ତିକ ବେହେରା ଅତିଥିମାନଙ୍କୁ ମଞ୍ଚ ଆବାହନ ଓ ବିବରଣୀ ପାଠ କାହ୍ନୁ ଚରଣ ମାଝୀ କରିଥିଲେ। ରମାନାଥ ପାତ୍ର, ଗୀତାଞ୍ଜଳି ପ୍ରଧାନ, ରଂଜିତା ପରିଡା ଏବଂ ପରିଚାଳନା କମିଟି, ଓମ ସତ୍ୟମ ଶଙ୍କ ସହାୟକ ଗୋଷ୍ଠୀର ସମସ୍ତ ସଭ୍ୟ ସହଯୋଗ କରିଥିଲେ। ଶିକ୍ଷକ ଗୌତମ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ କେନ୍ଦ୍ରରୁ ଜଳେଶ୍ୱର ବାଦ୍

ଜଳେଶ୍ୱର, ୧୮।୨(ସମିସ)

- ଉତ୍ତର ବାଲେଶ୍ୱର ଶିକ୍ଷକମାନଙ୍କ ଅସନ୍ତୋଷ
- ପରୀକ୍ଷା ମୂଲ୍ୟାୟନରେ ଯୋଗ ନ ଦେବାର ନିଷ୍ପତ୍ତି
- ଓଷ୍ଟାର ବୋର୍ଡ ସଭାପତିଙ୍କ ଦୃଷ୍ଟି ଆକର୍ଷଣ

ଗତବର୍ଷ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱରଠାରେ ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ କେନ୍ଦ୍ରରେ ରେଗୁଲାର ଛାତ୍ରଛାତ୍ରୀଙ୍କ ପରୀକ୍ଷା ଖାତା ମୂଲ୍ୟାୟନ ନହୋଇ କେବଳ "ମୁକ୍ତ ବିଦ୍ୟାଳୟ"ର ମୂଲ୍ୟାୟନ କେନ୍ଦ୍ର ହୋଇଥିବାରୁ ମୂଲ୍ୟାୟନ ବେଳେ ବହୁ ଆପତ୍ତି ଅଭିଯୋଗ ଓ ହାଇସ୍କୁଲ ଶିକ୍ଷକ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଚଳିତ ବର୍ଷ ଜଳେଶ୍ୱର ମୂଲ୍ୟାୟନ କେନ୍ଦ୍ରକୁ ସମ୍ପୂର୍ଣ୍ଣ ବନ୍ଦ କରା ଥିବା ତଥା ଜଳେଶ୍ୱର, ଭୋଗରାଇ, ବାଲିଆପାଳ ବ୍ଲକର ଶିକ୍ଷକ ମାନେ ବାଲେଶ୍ୱରକୁ ଯାତାୟାତ ଓ ସେଠାରେ ମୂଲ୍ୟାୟନ ବେଳେ ରହିବା, ଖାଇବା ଇତ୍ୟାଦିରେ ଅସୁବିଧା ସୃଷ୍ଟି ହେବା କାରଣରୁ ଏ ଅଞ୍ଚଳର ହାଇସ୍କୁଲର ଶିକ୍ଷକ ମାନେ ଯୋଗ ଦେବେ ନାହିଁ ବୋଲି ଓଷ୍ଟା ର ଜିଲ୍ଲା ସଭାପତି ମନୋରଞ୍ଜନ ଦାସ ଆଜି ଏଠାରେ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି। ଜଳେଶ୍ୱର, ଭୋଗରାଇ, ବାଲିଆପାଳ ବ୍ଲକର ହାଇସ୍କୁଲକୁ ନେଇ ଜଳେଶ୍ୱର ଠାରେ ଏକ ମାଟ୍ରିକ ମୂଲ୍ୟାୟନ କେନ୍ଦ୍ର ଜଳେଶ୍ୱର ହାଇସ୍କୁଲ ଠାରେ ହୋଇ ଆସୁ ଥିଲା। ଏହି କେନ୍ଦ୍ରରେ ପ୍ରତି ବର୍ଷ ଦୁଇଟି ୟୁନିଟ ରେ ୩ ଟି ବ୍ଲକର ୨୫୦ ରୁ ଅଧିକ ଶିକ୍ଷକ କାର୍ଯ୍ୟ କରି ଆସୁଥିଲେ। ବାଲେଶ୍ୱର ଜିଲ୍ଲାରେ ପ୍ରାୟ ୫ ଶହରୁ ଅଧିକ ଉଚ୍ଚ ବିଦ୍ୟାଳୟ ଥିବା ବେଳେ ୩ଟି ପରୀକ୍ଷା ମୂଲ୍ୟା ୟନ କେନ୍ଦ୍ର ଅନୁଷ୍ଠିତ ହେଉ ଥିଲା। ବାଲେଶ୍ୱର, ଜଳେଶ୍ୱର ଓ ସୋରରେ ପରୀକ୍ଷା ମୂଲ୍ୟାୟନ କେନ୍ଦ୍ର ହୋଇ ଆସୁ ଥିଲା ବେଳେ କିଛି ବର୍ଷ ପୂର୍ବେ ସୋରସ୍ଥିତ କେନ୍ଦ୍ରକୁ ବନ୍ଦ କରି ବାଲେଶ୍ୱରରେ ୨ଟି କେନ୍ଦ୍ର ଚାଲୁଥିଲା। ୨୦୨୫ ମାଟ୍ରିକ ପରୀକ୍ଷା ରେ ଜଳେଶ୍ୱର ପରୀକ୍ଷା କେନ୍ଦ୍ରରେ କେବଳ ମୁକ୍ତ ବିଦ୍ୟାଳୟର ପରୀକ୍ଷା କେନ୍ଦ୍ର ଅଳ୍ପ ସଂଖ୍ୟକ ଖାତାର ମୂଲ୍ୟାୟନ ହୋଇ ଥିଲା। ତେଣୁ ଉପରୋକ୍ତ ୩ ଟି ବ୍ଲକ ର ପ୍ରାୟ ୨୦୦ ଶିକ୍ଷକଙ୍କୁ ବାଲେଶ୍ୱର କେନ୍ଦ୍ର କୁ ନିଆ ଯାଇ ଥିଲା। କିନ୍ତୁ ବାଲେଶ୍ୱର ଯାତାୟାତ, ରହିବା, ଖାଇବା ଇତ୍ୟାଦିରେ ବହୁ ଅସୁବିଧା ହୋଇ ଥିବାରୁ ସେମାନଙ୍କ ଅସନ୍ତୋଷ ସମ୍ପର୍କରେ ଆଜି ଓଷ୍ଟା ର ଜିଲ୍ଲା ସଭାପତି ପ୍ରକାଶ କରି ଥିଲେ। ଚଳିତ ବର୍ଷ ଜଳେଶ୍ୱର ମୂଲ୍ୟାୟନ କେନ୍ଦ୍ର ନହେବାର ଜଣା ଯାଇଛି। ଫଳରେ ୩ ଟି ବ୍ଲକର ୨୫୦ରୁ ଅଧିକ ଶିକ୍ଷକଙ୍କୁ ଖାତା ମୂଲ୍ୟାୟନ ଲାଗି ବାଲେଶ୍ୱର ଡକାଯିବା ନିଶ୍ଚିତ। ଏପରି ହେଲେ ଉପରୋକ୍ତ ୩ଟି ବ୍ଲକର ଶିକ୍ଷକମାନେ ମୂଲ୍ୟାୟନ ବର୍ଜନ କରିବେ ବୋଲି ଓଷ୍ଟା ପକ୍ଷରୁ କୁହାଯାଇଛି। ଗତ ୧୩ ତାରିଖରେ ଓଷ୍ଟାର ବାଲେଶ୍ୱର ଜିଲ୍ଲା ସଭାପତି ମନୋରଞ୍ଜନ ଦାସ ଜଳେଶ୍ୱର ବ୍ଲକ ଓଷ୍ଟା ସମ୍ପାଦକ ହରେକୃଷ୍ଣ ଜେନା ଓ ଓଷ୍ଟା ଅନ୍ୟତମ ବରିଷ୍ଠ ସଦସ୍ୟ ଅର୍ଜ୍ଜୁନ କୁମାର ଜେନା ପ୍ରମୁଖ ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ରଙ୍କ ନେତୃତ୍ୱରେ ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଶ୍ରୀକାନ୍ତ ତରାଇ ଓ ପରୀକ୍ଷା ନିୟନ୍ତ୍ରକ ଧରଣୀଧର ପାତ୍ରଙ୍କୁ ଭେଟି ଏ ସମ୍ପର୍କରେ ସବିଶେଷ ଆଲୋଚନା କରିଛନ୍ତି। ଜଳେଶ୍ୱରଠାରେ ଏକ ପରୀକ୍ଷା ମୂଲ୍ୟାୟନ କେନ୍ଦ୍ର ହେବାର ସବୁଜ ସଂକେତ ମିଳିଥିବାର ଜିଲ୍ଲା ସଭାପତି ଶ୍ରୀ ଦାସ କହିଛନ୍ତି। ଅନ୍ୟଥା ପରୀକ୍ଷା ମୂଲ୍ୟାୟନ ବର୍ଜନ ନିଷ୍ପତ୍ତି ହେବ ବୋଲି କୁହାଯାଇଛି।

## ବିଦ୍ୟାଳୟର ବାର୍ଷିକ ଉତ୍ସବ



ଜଳେଶ୍ୱର, ୧୮।୨ (ସମିସ): ଜଳେଶ୍ୱର ପୌରାଂଚଳ ସ୍ଥିତ ଫଂଚୁଘଣ୍ଟା ସରକାରୀ ୟୁ.ଜି.ୟୁ.ପି ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହମ୍ମଦ ଜାଭେଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜଳେଶ୍ୱର ମହିଳା ଡିଗ୍ରୀ କଲେଜ ଅଧ୍ୟକ୍ଷ ସଂଗ୍ରାମ ପଟ୍ଟନାୟକ, ଏବିଇଓ ଜ୍ୟୋସ୍ନାରାଣୀ ପ୍ରଧାନ, ଯୁବନେତା ରାଜେଶ ଖଟୁଆ, ବିଦ୍ୟାଳୟ କମିଟି ସଭାପତି ଦେବବ୍ରତ ପାଣିଗ୍ରାହୀ, ସି.ଆର.ସି.ସି ସୁବ୍ରତ ସେନାପତି, ଶିକ୍ଷକ ସରୋଜ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ଗୁରୁ ଆଦ୍ୟାଚରଣ ବେହେରାଙ୍କ ଦ୍ୱାରା ରଚିତ ଏବଂ ନିଖିଳ ନନ୍ଦ ଓ ବିଜୟ ବେହେରାଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ ମହିଷା ମର୍ଦ୍ଦିନୀ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା।

